କଟକ
ସୋମବାର ୨୩ ନଭେମ୍ବର, ୨୦୨୬
ପ୍ରାତଃ ସଂସ୍କରଣ

November 23, 2026 Cuttack
Vol - XXIV, Issue - 231
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

URGENT REQUIREMENT
ଓଡିଶାର Power Distribution Company ପାଇଁ Diploma / B-Tech (Electrical / Mechanical / Civil) Fresher candidate ଆବଶ୍ୟକ । Salary: Rs. 18, 000/- to Rs. 25, 000/- with ESI, EPF all facility. Fireman / Driver: 10th Pass, DL, Salary: Rs.18,000/- to Rs.22,000/- with ESI, EPF, Accomodation Free, Fooding facility avalabile. iisfm.edu@gmail.com
INSTITUTE OF INDUSTRIAL SAFETY & FIRE MANAGEMENT
B/48, 1st Floor, BDA Duplex Colony, Baramunda, BBSR-03
Contact: 9337712395, 9658476702

## ଗଞ୍ଜାମ ଯିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୨।୧୧(ନି.ପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲା ଗସ୍ତ କରିବେ। ତାଙ୍କ ସହ ମଧ୍ୟ ଉପସ୍ଥିତ ରହିବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୁରୁଷୋତ୍ତମପୁର ଓ ଛତ୍ରପୁର ଗସ୍ତ କରିବା ପରେ ବନ୍ୟା କ୍ଷୟକ୍ଷତି ଓ ପ୍ରଶାସନିକ ପ୍ରସ୍ତୁତିକୁ ନେଇ ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଛି। କ୍ଷୟକ୍ଷତିର ସମୀକ୍ଷା ପରେ ପ୍ରଭାବିତ ଲୋକଙ୍କ ପାଇଁ କି ପ୍ରକାର ସହାୟତା ଘୋଷଣା ହେଉଛି, ତାହା ଉପରେ ନଜର ରହିଛି।

## ଡିସେମ୍ବର ୧ ଓ ୨ରେ କୋଟିଆରେ 'ପରବ'

**କୋରାପୁଟ,୨୨।୧୧(ନି.ପ୍ର):** କୋଟିଆରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାଳନ କରାଯିବ 'କୋଟିଆ ପରବ'। ଏଥିପାଇଁ ସମସ୍ତ ରାଜନୈତିକ ଦଳଗୁଡ଼ିକର ମଧ୍ୟ ସହଯୋଗ ରହିଛି। ଡିସେମ୍ବର ୨ରେ କୋଟିଆରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ରପ୍ରଦେଶ ପକ୍ଷରୁ ଘୋଷଣା କରାଯାଇଛି। ଡିସେମ୍ବର ୧, ୨ରେ ମଧ୍ୟ କୋଟିଆରେ ଜାକଜମକର ସହ ପାଳିତ ହେବ 'କୋଟିଆ ପରବ'। ଏଥିପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ନୂଆଦିଲ୍ଲୀରେ ନେପାଳ ପ୍ରଧାନମନ୍ତ୍ରୀ

### ଉର୍ଜା, ହାଇଡ୍ରୋପାୱାର, ରେଳ ଯୋଗାଯୋଗ ମୁଖ୍ୟ ଏଜେଣ୍ଡା

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ନେପାଳ ପ୍ରଧାନମନ୍ତ୍ରୀ ବଲେନ୍ଦ୍ର 'ବଲେନ୍' ଶାହ ରବିବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଭାରତକୁ ଏହା ତାଙ୍କର ଦୁଇଦିନିଆ ଗସ୍ତ। ୨୦୨୬ ମାର୍ଚ୍ଚରେ ନେପାଳର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ଭାରତ ଗସ୍ତରେ ଆସିଛନ୍ତି ବଲେନ୍ଦ୍ର।

ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସୋମବାର ତାଙ୍କର ବିଶେଷ ଆଲୋଚନା କାର୍ଯ୍ୟକ୍ରମ ରହିଛି। ବୈଠକରେ ଆଗାମୀ କିଛିବର୍ଷକୁ ଦୃଷ୍ଟିରେ ରଖି ଦ୍ୱିପାକ୍ଷିକ ରାଜିନାମା ହେବା ଆଶା କରାଯାଉଛି। ଏଜେଣ୍ଡାରେ ରହିଛି ଉର୍ଜା, ହାଇଡ୍ରୋପାୱାର, ରେଳ ଯୋଗାଯୋଗ ଓ ଭିତ୍ତିଭୂମି। ନିକଟରେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ନେପାଳ। ପଡ଼ୋଶୀ ରାଷ୍ଟ୍ର ଭାବେ ଭାରତ ନେପାଳକୁ ପ୍ରଥମେ ସହାୟତାର ହାତ ବଢ଼ାଇଥିଲା। ଭାରତର ଏହି ସହାୟତାର ମଧ୍ୟ ହୃଦୟ ଖୋଲି ପ୍ରଶଂସା କରିଥିଲେ ବଲେନ୍ଦ୍ର।

ଭାରତ ହେଉଛି ନେପାଳର ସବୁଠାରୁ ବଡ଼ ଟ୍ରେଡିଂ ପାର୍ଟନର। ନେପାଳ ପ୍ରାୟ ୮୦ ପ୍ରତିଶତ ବିଭିନ୍ନ ସାମଗ୍ରୀ ଭାରତକୁ ରପ୍ତାନି କରିଥାଏ।



ଏଥିପାଇଁ ମଧ୍ୟ ଭାରତର ଅନୁମତି ରହିଛି। ଭାରତୀୟ ବଜାରରେ ଏସବୁ ସାମଗ୍ରୀ କର-ମୁକ୍ତ। ନେପାଳରୁ ଏକ ୩୪ ଜଣିଆ ସରକାରୀ ପ୍ରତିନିଧି ଦଳ ମଧ୍ୟ ଭାରତ ଆସିଛନ୍ତି। ନେପାଳର ଅର୍ଥମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ବି ରହିଛନ୍ତି ଏହି ପ୍ରତିନିଧି ଦଳରେ। ଏକ ୫୨ ଜଣିଆ ବ୍ୟବସାୟୀ ପ୍ରତିନିଧି ଦଳ ମଧ୍ୟ ଆସିଛି।

ନେପାଳ ପ୍ରଧାନମନ୍ତ୍ରୀ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ ବୋଲି ଜଣାଯାଇଛି। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସହ ରବିବାର ତାଙ୍କର ଆଲୋଚନା ହୋଇଛି। ନେପାଳ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ରାକ୍ସୁଆଲ ଓ କାଠମାଣ୍ଡୁ ମଧ୍ୟରେ ପ୍ରସ୍ତାବିତ ରେଳପଥକୁ ନେଇ ଆଲୋଚନା ହୋଇପାରେ। ଉଭୟ ଦେଶ ସୀମାଦେଇ ଏହି ଟ୍ରେନ୍ ଚଳାଚଳ ହେଲେ ବହୁ ଯାତ୍ରୀ ଓ ବ୍ୟବସାୟୀ ଉପକୃତ ହେବେ। ରାମ ଜନ୍ମଭୂମି ଅଯୋଧ୍ୟା ଓ ନେପାଳର ଜନକପୁରଧାମ ମଧ୍ୟରେ ବି ପାସେଞ୍ଜର ଟ୍ରେନ୍ ଚଳାଚଳକୁ ନେଇ ଆଲୋଚନା ହୋଇପାରେ।

## ୨୫ରେ ନୂତନ ହିତାଧିକାରୀଙ୍କୁ ଭତ୍ତା

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ମଧୁବାବୁ ପେନସନ୍ ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ଅଧୀନରେ ଥିବା ବ୍ୟାଙ୍କ-ଲିଙ୍କ୍ ହିତାଧିକାରୀଙ୍କ ପାଇଁ ଖୁସି ଖବର। ନଭେମ୍ବର ୨୫ରେ ନୂତନ ହିତାଧିକାରୀଙ୍କ ସମେତ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି।

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ବ୍ୟାଙ୍କ ମାଧ୍ୟମରେ ଭତ୍ତା ପାଉଥିବା ୧୯,୬୩,୯୫୯ ହିତାଧିକାରୀଙ୍କୁ ଅକ୍ଟୋବର ଓ ନଭେମ୍ବର ଓଡ଼ିଶା ସରକାରଙ୍କ ଭାଗ ଟଙ୍କା ନଗଦ ଆକାରରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ୱାର୍ଡ ଅଫିସ୍‌ରେ ପ୍ରଦାନ କରାଯିବ। ଭାରତ ସରକାରଙ୍କ ଭାଗ ଟଙ୍କା ପୂର୍ବଭଳି ସିଧା ବ୍ୟାଙ୍କ ଖାତାକୁ ଯିବ। ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ୫,୦୫,୮୧୭ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ କରିଥିଲେ। ଯେଉଁ ନୂତନ ହିତାଧିକାରୀ ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ କିମ୍ବା ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ଭତ୍ତା ଗ୍ରହଣ କରିପାରିନାହାନ୍ତି ସେମାନଙ୍କୁ ୨୫ ତାରିଖରେ ଭତ୍ତା ପ୍ରଦାନ କରାଯିବ।

## ମୋଦୀ ସରକାରଙ୍କ ନୀତି ପାଇଁ ୪୯.୬୦ କୋଟି ଲୋକ ଗରିବୀ ରେଖାରୁ ବାହାର: ବିଶ୍ୱ ବ୍ୟାଙ୍କ

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଗରିବୀ ଉନ୍ମୂଳନ କ୍ଷେତ୍ରରେ ହାସଲ କରିଛି ଐତିହାସିକ ସଫଳତା। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ (ଅକ୍ଟୋବର ୨୦୨୬) ଅନୁଯାୟୀ, ୨୦୧୧ରୁ ୨୦୨୩ ମଧ୍ୟରେ ଭାରତରେ ୪୯.୬୦ କୋଟି ଲୋକ ଗରିବୀ ରେଖାରୁ ବାହାରକୁ ଆସିଛନ୍ତି ଏବଂ ଗରିବୀ ହାର ୫୭.୭୦ ପ୍ରତିଶତରୁ ହ୍ରାସ ପାଇଁ ପହଞ୍ଚିଛି ୧୬.୧୦ ପ୍ରତିଶତରେ। ଏହି ବଡ଼ ଉପଲବ୍ଧିରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ନୀତି ଓ ଯୋଜନା ସହ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଯୋଜନାଗୁଡ଼ିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି।



## ଏସ୍‌ସିବି ମେଡ଼ିକାଲ କଲେଜର ପୁନର୍ବିକାଶ ଓ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା



**ଭୁବନେଶ୍ୱର,୨୨।୧୧(ନି.ପ୍ର):** କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ପୁନର୍ବିକାଶ ତଥା ସମ୍ପ୍ରସାରଣ ପ୍ରକଳ୍ପର ଅଗ୍ରଗତିକୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ସମ୍ପୂର୍ଣ୍ଣ ହୋଇସାରିଥିବା ନିର୍ମାଣ କାର୍ଯ୍ୟକୁ ହସ୍ପିଟାଲ ପାଇଁ ହସ୍ତାନ୍ତର, ସେଥିରେ ଚିକିତ୍ସା ଉପକରଣ କ୍ରୟ ପୂର୍ବକ ସ୍ଥାପନ, ଏସସିବିର ବିଭିନ୍ନ ବିଭାଗକୁ ପର୍ଯ୍ୟାୟକ୍ରମେ ନୂତନ ଭିତ୍ତିଭୂମିକୁ ସ୍ଥାନାନ୍ତର ଓ ସେସବୁର ରକ୍ଷଣାବେକ୍ଷଣ ଏବଂ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ପ୍ରଦାନ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଛି। ନୂତନ ଭିତ୍ତିଭୂମିର ସୁଚାରୁ ପରିଚାଳନା ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଜଳଯୋଗାଣ ବ୍ୟବସ୍ଥା ଏବଂ ସମସ୍ତ ବ୍ୟବସ୍ଥାର ନିରନ୍ତର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ମାନବ ସମ୍ବଳ ନିୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

## ମଧ୍ୟପ୍ରାଚ୍ୟରେ ପୁଣି ବଢ଼ିଲା ଉତ୍ତେଜନା

**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ କଡ଼ ଲେଉଟାଇଛି ଅଶାନ୍ତି। ପୁଣି ବଢ଼ିଛି ଉତ୍ତେଜନା। ପାରସ୍ୟ ଉପସାଗର ଉପରେ ଆକ୍ରମଣ କରିଛି ଇରାନ। ଆମେରିକାର ଏଫ୍-୧୬ ଯୁଦ୍ଧ ବିମାନକୁ ଟାର୍ଗେଟ କରିଛି। କେବଳ ଟାର୍ଗେଟ କରିନାହିଁ, ଏଫ୍-୧୬କୁ ଖସାଇ ଦେଇଛି ବୋଲି ଦାବି କରିଛି।

ୟେମେନର ବନ୍ଦର ସହର ହୋଦେଇଦା ଉପରେ ଘନ ଘନ ଆକ୍ରମଣ କରିଛି ସାଉଦିଆରବ। ଏହି ସହର ଆକାଶ ଉପରକୁ ଅଚାନକ ସାଉଦି ଆରବର ଯୁଦ୍ଧ ବିମାନଗୁଡ଼ିକ ଗୋଟିକ ପରେ ଗୋଟିଏ ମାଡ଼ିଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ଆକ୍ରମଣ କରି ଫେରିଯାଇଥିଲେ। ହୁତି ବିଦ୍ରୋହୀଙ୍କ ବିଭିନ୍ନ ଆଡ୍ଡାସ୍ଥଳୀ ଟାର୍ଗେଟ୍‌ରେ ରହିଥିଲା। ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି କିମ୍ବା ମୃତାହତଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିନାହିଁ। ହୁତି ବିଦ୍ରୋହୀଙ୍କ ପକ୍ଷରୁ ମଧ୍ୟ ସାଉଦି ରାଜଧାନୀ ରିୟାଦକୁ ଟାର୍ଗେଟ କରି ଆକ୍ରମଣ ହୋଇଛି। ରିପୋର୍ଟ ଅନୁଯାୟୀ, ତିନିଟି ବାଲିଷ୍ଟିକ୍ ମିସାଇଲ ମାଡ଼ ହୋଇଛି।

### ଶିଶୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ

## ଆରମ୍ଭ ହେଲା ପୋଲିଓ ଟିକାକରଣ

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ରାଜ୍ୟରେ ଆରମ୍ଭ ହୋଇଛି ପୋଲିଓ ନିରାକରଣ ଅଭିଯାନ-୨୦୨୬। ଭୁବନେଶ୍ୱର ଆଇଆର୍‌ସି ଭିଲେଜସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ଅଭିଯାନର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ନ୍ୟାସନାଲ ଇମ୍ୟୁନାଇଜେସନ କାର୍ଯ୍ୟକ୍ରମ ଅଧୀନରେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆୟୋଜନ କରାଯାଇଛି। ସମସ୍ତ ଅଭିଭାବକ, ଗଣମାଧ୍ୟମ ଏବଂ ଜନସାଧାରଣଙ୍କୁ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି।

ରାଜ୍ୟର ୧୭ଟି ଜିଲ୍ଲାରେ ୨୪ ତାରିଖ ପର୍ଯ୍ୟନ୍ତ ସବ୍‌ନ୍ୟାସନାଲ୍ ଇମ୍ୟୁନାଇଜେସନ୍ ଡେ ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟ ପୋଲିଓ ପ୍ରତିଷେଧକ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଅଭିଯାନ କାର୍ଯ୍ୟକାରୀ ହେବ। ୨୬ ଲକ୍ଷରୁ ଅଧିକ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରିବାର ଲକ୍ଷ୍ୟ ରହିଛି।

**୧୭ ଜିଲ୍ଲାରେ ୧୨୯୦୮ ଟିକାକରଣ ବୁଥ୍**

ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ଦିଆଯାଉଛି ପୋଲିଓର ଦୁଇ ଚୁଦା ଔଷଧ। ପୂର୍ବରୁ ନିୟମିତ ଟିକାକରଣରେ ପୋଲିଓ ଟିକା ନେଇଥିଲେ ମଧ୍ୟ ଏହି ଅଭିଯାନରେ ପୁଣି ଦୁଇ ଚୁଦା ଔଷଧ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅପିଲ କରାଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଡାକ୍ତରଖାନା, ସ୍କୁଲ ସମେତ ବିଭିନ୍ନ ପ୍ରମୁଖ ସ୍ଥାନରେ ଖୋଲାଯାଇଛି ଟିକାକରଣ ବୁଥ୍।



ଅଭିଯାନର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

କୌଣସି କାରଣରୁ ଶିଶୁ ଏହି ବୁଥ୍‌କୁ ଆସିପାରିନଥିଲେ ନଭେମ୍ବର ୨୩ ଓ ୨୪ ତାରିଖରେ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ। ୨୦୧୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଭାରତକୁ ପୋଲିଓମୁକ୍ତ ଘୋଷଣା କରାଯାଇଥିବା ବେଳେ ୨୦୦୮ରୁ ଓଡ଼ିଶା ପୋଲିଓମୁକ୍ତ ରହିଛି। ତଥାପି ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ସମ୍ଭାବ୍ୟ ପ୍ରତିରୋଧକ କ୍ଷମତାର ଅଭାବକୁ ଦୂର କରିବା ଏବଂ ପୋଲିଓ ଭୂତାଣୁ ବିରୋଧରେ ଶିଶୁମାନଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଉଛି। ଅଭିଯାନର ସଫଳ ରୂପାୟନ ଏବଂ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଟିକାକରଣ ସୁନିଶ୍ଚିତ କରିବା ପାଇଁ ୧୭ଟି ଜିଲ୍ଲାରେ ୧୨,୯୦୮ଟି ଟିକାକରଣ ବୁଥ୍ ସ୍ଥାପନ କରାଯାଇଛି। ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ପ୍ରମୁଖ ଯାତାୟାତ ସ୍ଥଳରେ ଶିଶୁମାନଙ୍କୁ ଟିକା ଦେବା ପାଇଁ ୭୩୯ଟି ଟ୍ରାଞ୍ଜିଟ୍ ଟିମ୍ ନିୟୋଜିତ ହେବା ସହ ଦୁର୍ଗମ ଅଞ୍ଚଳ, ନିର୍ମାଣସ୍ଥଳୀ, ଇଟାଭାଟି ଏବଂ ଅନ୍ୟାନ୍ୟ ଅପହଞ୍ଚ ଅଞ୍ଚଳରେ ଟିକାକରଣ ପାଇଁ ୪୦୦ଟି ମୋବାଇଲ୍ ଟିମ୍ କାର୍ଯ୍ୟ କରିବେ। ଦ୍ୱିତୀୟ ଓ ତୃତୀୟ ଦିନ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟର ତଦାରଖ ପାଇଁ ୨୦୦୦ ଜଣ ସୁପରଭାଇଜର ନିୟୋଜିତ ହେବେ।

କଟକର ପ୍ରସିଦ୍ଧ ବାଲିଯାତ୍ରା ପଡ଼ିଆରେ ସ୍ୱତନ୍ତ୍ର ପୋଲିଓ ଟିକାକରଣ କିଓସ୍କ ସ୍ଥାପନ କରାଯାଇଛି। ଯାତ୍ରାକୁ ଆସୁଥିବା କିମ୍ବା ଯାତ୍ରା ସମୟରେ ଯାତାୟାତ କରୁଥିବା କୌଣସି ଶିଶୁ ଯେପରି ଟିକାକରଣରୁ ବଞ୍ଚିତ ନହୁଏ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହି ଅଭିଯାନ ଅବସରରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ତଥା କମିଶନର ଏସ୍ ଏନ୍ ଗିରୀଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡି ଡ. ପରାଗ ଗଭାଲି, ସ୍ୱତନ୍ତ୍ର ସଚିବ (ଚିକିତ୍ସା ସେବା) ଡ. ବିଜୟ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଷ୍ଣୁ ପ୍ରସାଦ ମହାପାତ୍ର, ଡ. ତାପସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଯାତ୍ରା ଜଗିବେ ୭୦ ପ୍ଲାଟୁନ ଫୋର୍ସ, ୪୦୦ ଅଧିକାରୀ

**କଟକ,୨୨।୧୧(ନି.ପ୍ର):** ଐତିହାସିକ କଟକ ବାଲିଯାତ୍ରା ଆସନ୍ତା ୨୪ ତାରିଖରେ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରାଷ୍ଟ୍ରପତିଙ୍କ ପାଇଁ ନିର୍ମାଣ ହୋଇଛି ସ୍ୱତନ୍ତ୍ର ବୋଟ୍ 'କଳିଙ୍ଗ ତରଙ୍ଗିଣୀ'। ରାଷ୍ଟ୍ରପତି ମହାନଦୀରେ ବୋଟ୍‌ରେ ଆସି ବାଲିଯାତ୍ରାରେ ପହଞ୍ଚିବେ। ରାଷ୍ଟ୍ରପତିଙ୍କ ସହ ମଧ୍ୟ ଉପସ୍ଥିତ ରହିବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ। ନେଭିର ଦୁଇଟି ବୋଟ୍ ରାଷ୍ଟ୍ରପତିଙ୍କ ବୋଟ୍ ସହ ରହିବ।

ବାଲିଯାତ୍ରାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରାୟ ୧୪୦୦ ସିସିଟିଭି ଓ ଏଆଇ କ୍ୟାମେରା ସହ ୭୦ ପ୍ଲାଟୁନ୍ ଫୋର୍ସ ବାଲିଯାତ୍ରା। ଉପରେ ସ୍ୱତନ୍ତ୍ର ନଜର ରଖିବେ। ୪୦୦ ପୋଲିସ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ। ସାଦା ପୋଷାକଧାରୀ ପୋଲିସ ମଧ୍ୟ ମୁତୟନ ହେବେ। ସ୍ୱତନ୍ତ୍ର ବାରିକେଡ୍ ବ୍ୟବସ୍ଥା କରାଯାଇଛି। ପାଗ ଭଲ ହୋଇଯାଇଥିବାରୁ ବାଲିଯାତ୍ରାକୁ ନେଇ ସମସ୍ତଙ୍କ ମନରେ ସୃଷ୍ଟି ହୋଇଛି ପ୍ରବଳ ଉତ୍ସାହ।

## ନିର୍ମାଣ ହେବ ବହୁତଳ ବିଶିଷ୍ଟ ରାଜସ୍ୱ ଭବନ

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ରାଜଧାନୀରେ ଏକ ବହୁତଳ ବିଶିଷ୍ଟ ଅତ୍ୟାଧୁନିକ ରାଜସ୍ୱ ଭବନ ନିର୍ମାଣ ହେବ। ନୂତନ ଭବନରେ ବିଭାଗର ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଗୋଟିଏ ଛାତ ତଳେ ରହିବ। ନୂତନ ରାଜସ୍ୱ ଭବନ ନିର୍ମାଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଏହା ୯ ମହଲା ବିଶିଷ୍ଟ ହେବ। ଏଥିରେ ବ୍ୟୟ ହେବ ୩୪୭.୮୬ କୋଟି ଟଙ୍କା।

ସୂଚନା ଅନୁଯାୟୀ, ଏହି ଅତ୍ୟାଧୁନିକ ଭବନରେ ୯ଟି ମହଲା ସହିତ ଦୁଇଟି ବେସମେଣ୍ଟ ଏବଂ ଗୋଟିଏ ଗ୍ରାଉଣ୍ଡ ଫ୍ଲୋର୍ ରହିବ। ଏଥିରେ ଆବଶ୍ୟକୀୟ ଅତ୍ୟାଧୁନିକ ଭିତ୍ତିଭୂମି ଓ ସୁବିଧାସୁଯୋଗ ଉପଲବ୍ଧ କରାଯିବ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ରହିଥିବା ରାଜସ୍ୱ ବିଭାଗର ପ୍ରଶାସନିକ ବ୍ୟବସ୍ଥା ଗୋଟିଏ ସ୍ଥାନରେ ଉପଲବ୍ଧ ହେବା ଫଳରେ ସରକାରୀ କାର୍ଯ୍ୟରେ ସମନ୍ୱୟ ବୃଦ୍ଧି ପାଇବ। ଏଥିସହ ରାଜସ୍ୱ ବ୍ୟବସ୍ଥାର ସୁପରିଚାଳନା ଓ

**ମେଷ:** ହାତ ଘାଣ୍ଟାଖୁସି ପୁରୁଣାର ଅଟକିଥିବା ଟଙ୍କା ଫେରି ଆସିପାରେ। ପୁରୁଣା ସାଙ୍ଗସାଥୀଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ଆତ୍ମୀୟ ଆସିପାରନ୍ତି। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ବୃଷ:** ଅଯଥା ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ମିଥୁନ:** ନିଜ ଜିଦ୍ଚ ଟାଙ୍କା ହାରକ ଯାଇ ପଡ଼ୁଥିବାର ଦେଖାଯାଇପାରେ। ଜରୁରୀ କାମ ପାଇଁ ଅଧିକ ଦୌଡ଼ିବାକୁ ପଡିପାରେ। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**କର୍କଟ:** ନିଜର ସମସ୍ୟାକୁ ଧ୍ୟାନ ଦିଅନ୍ତୁ। ଅନ୍ୟ ଉପରେ ଭରସା କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ସିଂହ:** ଶରୀର, ସ୍ୱାସ୍ଥ୍ୟ ସମ୍ବନ୍ଧ ଓ ଅଯଥା ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**କନ୍ୟା:** ଶରୀର, ସ୍ୱାସ୍ଥ୍ୟ ଓ ଅଯଥା ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ତୁଳା:** ଦୀର୍ଘଦିନ ଧରି ଅଟକିଥିବା କୌଣସି ଜରୁରୀ କାମ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ବିଛା:** ପୁରୁଣା ଓ ଅଟକିଥିବା କାମ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ଧନୁ:** ଶରୀର, ସ୍ୱାସ୍ଥ୍ୟ ଓ ଅଯଥା ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ମକର:** ଶରୀର, ସ୍ୱାସ୍ଥ୍ୟ ଓ ଅଯଥା ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**କୁମ୍ଭ:** ଜରୁରୀ କାମ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।

**ମୀନ:** ଶରୀର, ସ୍ୱାସ୍ଥ୍ୟ ଓ ଅଯଥା ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ଆତ୍ମୀୟଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା ହୋଇପାରେ। ଜମି ସମ୍ପତ୍ତି ଦେଖିବାରେ ସମୟ ଦେବାକୁ ପଡିପାରେ। ଅଯଥା ଚିନ୍ତା ଛାଡି ଦିଅନ୍ତୁ। ଶରୀର ଦିଗରେ ଯତ୍ନ ନିଅନ୍ତୁ। ଅଫିସରେ ଆପଣଙ୍କ ଉପରେ ଅଧିକ ଦାୟିତ୍ୱ ପଡିପାରେ।



# ବ୍ୟସ୍ତବହୁଳ ଜୀବନ ସାଙ୍ଗରେ ସୁସ୍ଥ ରୁହନ୍ତୁ !

ଏବେ ଚେଷ୍ଟାରୁ, ବାଲ୍ୟକାଳ ସାଥିଙ୍କ, ଏପର୍ଯ୍ୟନ୍ତ ଓ ଅଫିସରେ ସାଙ୍ଗରେ ଥିବା ସାଧାରଣ ଲୋକଙ୍କ ସହିତ ଦେଖାହେବାର ସମ୍ଭାବନା ରହିଛି। ଏପରିକି

# ବର୍ଷସାରା ବ୍ୟବସାୟ ଲାଭଜନକ ହେବା ପାଇଁ ଶିଳ୍ପମନ୍ତ୍ରୀ ଦାସ ଆହ୍ୱାନ

ରେଖାଙ୍କି,୨୨।୧୧(ନି.ପ୍ର): ବର୍ଷସାରା ବ୍ୟବସାୟ ଲାଭଜନକ ହେବା ପାଇଁ ଶିଳ୍ପମନ୍ତ୍ରୀ ଦାସ ଆହ୍ୱାନ ଦେଇଛନ୍ତି । ରେଖାଙ୍କି ଠାରେ ଆୟୋଜିତ ଯୁବଉଦ୍ୟୋଗ ଉତ୍ସବ ଓ ଉଦ୍ୟୋଗ ମେଳାକୁ ଉଦ୍ଘାଟନ କରି ସେ ଏହି ଆହ୍ୱାନ ଦେଇଥିଲେ । ଏଥିରେ ଯୁବ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ । ଏହି ମେଳାରେ ୫୧ ଷ୍ଟଲ ଖୋଲାଯାଇଛି । ଏଥିରେ ଚାଷ, ଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ବିଭିନ୍ନ ବିଭାଗର ଉତ୍ପାଦ ପ୍ରଦର୍ଶିତ ହୋଇଛି । ଏହି ଅବସରରେ ଶିଳ୍ପମନ୍ତ୍ରୀ ଦାସ କହିଥିଲେ ଯେ, ଯୁବ ଉଦ୍ୟୋଗୀମାନେ ଯେଉଁ ଉତ୍ପାଦ ତିଆରି କରୁଛନ୍ତି ତାହା ଗୁଣାତ୍ମକ ଦୃଷ୍ଟିରୁ ଉତ୍ତମ ହେବା ଆବଶ୍ୟକ । ଏଥିପାଇଁ ଉତ୍ପାଦନ ପ୍ରକ୍ରିୟାରେ ଉନ୍ନତ ଟେକ୍ନୋଲୋଜି ଓ ଯନ୍ତ୍ରପାତି ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହ ଉତ୍ପାଦର ବିପଣନ ପାଇଁ ଅନଲାଇନ ପ୍ଲାଟଫର୍ମ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ସେ କହିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ, ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧିକାରୀ ଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।




# ବଡ଼ଚୁଲି ଓ ଚୁଲ୍ଲା ମାଗଣା ବଣ୍ଟନ ସହ ଶୁଭାରମ୍ଭ

ଗୁଣ୍ଡଳା,୨୨।୧୧(ନି.ପ୍ର): ଗୁଣ୍ଡଳା ଓ ଆଖପାଖ ଅଞ୍ଚଳରେ ଗରିବ ମହିଳାଙ୍କୁ ଧୂଆଁମୁକ୍ତ ରୋଷେଇ ସୁବିଧା ଯୋଗାଇବା ଲକ୍ଷ୍ୟରେ ଆଜି ଏକ ବିଶେଷ ଉଦ୍ୟମ ଆରମ୍ଭ ହୋଇଛି । ଗୁଣ୍ଡଳା ବ୍ଲକ୍ ଅଫିସ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫୫ ଜଣ ଗରିବ ମହିଳାଙ୍କୁ ମାଗଣାରେ ବଡ଼ଚୁଲି ଓ ଚୁଲ୍ଲା ବଣ୍ଟନ କରାଯାଇଛି । ଏହି ଉଦ୍ୟମ ଜରିଆରେ ଧୂଆଁଯୁକ୍ତ ଚୁଲି ଓ ଚୁଲ୍ଲା ଉପରେ ନିର୍ଭରଶୀଳ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ ରୋଷେଇ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଏହି ଅବସରରେ ଉପସ୍ଥିତ ଥିବା ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଜନପ୍ରତିନିଧିମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଅନେକ ମହିଳା ଦୀର୍ଘବର୍ଷ ଧରି ଧୂଆଁ ଓ ଚୁଲି ଜନିତ ସମସ୍ୟାରେ ପୀଡ଼ିତ ଥିବା ଅଭିଯୋଗ କରିଥିଲେ । ଏହି ଉଦ୍ୟମ ଫଳରେ ଅନେକ ପରିବାରର ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି ।



# ବଡ଼ଚୁଲି ଓ ଚୁଲ୍ଲା ମାଗଣାରେ ବଣ୍ଟନ ଆରମ୍ଭ

ଗୁଣ୍ଡଳା,୨୨।୧୧(ନି.ପ୍ର): ଗୁଣ୍ଡଳାସ୍ଥିତ ଏକ ବେସରକାରୀ ସଂସ୍ଥା ଦ୍ୱାରା ଗରିବ ମହିଳାଙ୍କୁ ଧୂଆଁମୁକ୍ତ ବଡ଼ଚୁଲି ଓ ଚୁଲ୍ଲା ମାଗଣାରେ ବଣ୍ଟନ କରାଯାଇଛି । ମଙ୍ଗଳବାର ଗୁଣ୍ଡଳା ବ୍ଲକ୍ ଅଫିସ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫୫ ଜଣ ଗରିବ ମହିଳାଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ଉଦ୍ୟମ ଜରିଆରେ ଧୂଆଁଯୁକ୍ତ ଚୁଲି ଓ ଚୁଲ୍ଲା ଉପରେ ନିର୍ଭରଶୀଳ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ ରୋଷେଇ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଏହି ଅବସରରେ ଉପସ୍ଥିତ ଥିବା ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଜନପ୍ରତିନିଧିମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଅନେକ ମହିଳା ଦୀର୍ଘବର୍ଷ ଧରି ଧୂଆଁ ଓ ଚୁଲି ଜନିତ ସମସ୍ୟାରେ ପୀଡ଼ିତ ଥିବା ଅଭିଯୋଗ କରିଥିଲେ । ଏହି ଉଦ୍ୟମ ଫଳରେ ଅନେକ ପରିବାରର ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି ।



# ଗୋଟିଏ ରାତି ଥାନାରେ
## ରକ୍ତଦାନ ଶିବିରରେ ୪୨ ଜଣ ଯୁବକଙ୍କ ସ୍ୱେଚ୍ଛାରକ୍ତଦାନ

ତଲ୍ଲାଗଲି,୨୨।୧୧(ନି.ପ୍ର): ଜଣେ ପୋଲିସ ଅଧିକାରୀଙ୍କ ଉଦ୍ୟମରେ ଏକ ଅଭିନବ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୪୨ ଜଣ ଯୁବକ ସ୍ୱେଚ୍ଛାରକ୍ତଦାନ କରିଛନ୍ତି । ଏହି ଶିବିର ତଲ୍ଲାଗଲି ଥାନାରେ ଅନୁଷ୍ଠିତ ହୋଇଛି । ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଅଜୟ ପଟ୍ଟନାୟକ ଏହି ଶିବିରର ଆୟୋଜନ କରିଥିଲେ । ଏଥିରେ ଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସହଯୋଗ କରିଥିଲେ । ଶିବିରରେ ସଂଗୃହୀତ ରକ୍ତ ତଲ୍ଲାଗଲି ବ୍ଲକ୍ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲଡ୍ ବ୍ୟାଙ୍କକୁ ପଠାଯାଇଛି । ଏହି ଅବସରରେ ଉପସ୍ଥିତ ଥିବା ଅତିଥି ଓ ଅଧିକାରୀମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଅନେକ ଯୁବକ ପ୍ରଥମଥର ପାଇଁ ରକ୍ତଦାନ କରିଥିବା ଜଣାପଡ଼ିଛି । ଏହି ଉଦ୍ୟମ ଜରିଆରେ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାରକ୍ତଦାନ ପ୍ରତି ସଚେତନତା ବୃଦ୍ଧି ପାଇବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି ।



# ଗୋଟିଏ ରାତି ଥାନାରେ
## ରକ୍ତଦାନ ଶିବିରରେ ୪୨ ଜଣ ଯୁବକଙ୍କ ସ୍ୱେଚ୍ଛାରକ୍ତଦାନ

ତଲ୍ଲାଗଲି,୨୨।୧୧ (ନି.ପ୍ର): ଜଣେ ପୋଲିସ ଅଧିକାରୀଙ୍କ ଉଦ୍ୟମରେ ଏକ ଅଭିନବ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୪୨ ଜଣ ଯୁବକ ସ୍ୱେଚ୍ଛାରକ୍ତଦାନ କରିଛନ୍ତି । ଏହି ଶିବିର ତଲ୍ଲାଗଲି ଥାନାରେ ଅନୁଷ୍ଠିତ ହୋଇଛି । ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଅଜୟ ପଟ୍ଟନାୟକ ଏହି ଶିବିରର ଆୟୋଜନ କରିଥିଲେ । ଏଥିରେ ଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସହଯୋଗ କରିଥିଲେ । ଶିବିରରେ ସଂଗୃହୀତ ରକ୍ତ ତଲ୍ଲାଗଲି ବ୍ଲକ୍ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲଡ୍ ବ୍ୟାଙ୍କକୁ ପଠାଯାଇଛି । ଏହି ଅବସରରେ ଉପସ୍ଥିତ ଥିବା ଅତିଥି ଓ ଅଧିକାରୀମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଅନେକ ଯୁବକ ପ୍ରଥମଥର ପାଇଁ ରକ୍ତଦାନ କରିଥିବା ଜଣାପଡ଼ିଛି । ଏହି ଉଦ୍ୟମ ଜରିଆରେ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାରକ୍ତଦାନ ପ୍ରତି ସଚେତନତା ବୃଦ୍ଧି ପାଇବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି ।



# ଗୁଣ୍ଡଳା ଗାଣ୍ଡେଇ ଓ ଚୁଲ୍ଲା ମାଗଣାରେ ବଣ୍ଟନ ଆରମ୍ଭ

ଗୁଣ୍ଡଳା,୨୨।୧୧(ନି.ପ୍ର): ଗୁଣ୍ଡଳାସ୍ଥିତ ଏକ ବେସରକାରୀ ସଂସ୍ଥା ଦ୍ୱାରା ଗରିବ ମହିଳାଙ୍କୁ ଧୂଆଁମୁକ୍ତ ଗାଣ୍ଡେଇ ଓ ଚୁଲ୍ଲା ମାଗଣାରେ ବଣ୍ଟନ କରାଯାଇଛି । ମଙ୍ଗଳବାର ଗୁଣ୍ଡଳା ବ୍ଲକ୍ ଅଫିସ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫୫ ଜଣ ଗରିବ ମହିଳାଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ଉଦ୍ୟମ ଜରିଆରେ ଧୂଆଁଯୁକ୍ତ ଚୁଲି ଓ ଚୁଲ୍ଲା ଉପରେ ନିର୍ଭରଶୀଳ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ ରୋଷେଇ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଏହି ଅବସରରେ ଉପସ୍ଥିତ ଥିବା ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଜନପ୍ରତିନିଧିମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଅନେକ ମହିଳା ଦୀର୍ଘବର୍ଷ ଧରି ଧୂଆଁ ଓ ଚୁଲି ଜନିତ ସମସ୍ୟାରେ ପୀଡ଼ିତ ଥିବା ଅଭିଯୋଗ କରିଥିଲେ । ଏହି ଉଦ୍ୟମ ଫଳରେ ଅନେକ ପରିବାରର ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି ।



# ଗୋଟିଏ ରାତି ଥାନାରେ
## ରକ୍ତଦାନ ଶିବିରରେ ୪୨ ଜଣ ଯୁବକଙ୍କ ସ୍ୱେଚ୍ଛାରକ୍ତଦାନ

ତଲ୍ଲାଗଲି,୨୨।୧୧(ନି.ପ୍ର): ଜଣେ ପୋଲିସ ଅଧିକାରୀଙ୍କ ଉଦ୍ୟମରେ ଏକ ଅଭିନବ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୪୨ ଜଣ ଯୁବକ ସ୍ୱେଚ୍ଛାରକ୍ତଦାନ କରିଛନ୍ତି । ଏହି ଶିବିର ତଲ୍ଲାଗଲି ଥାନାରେ ଅନୁଷ୍ଠିତ ହୋଇଛି । ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଅଜୟ ପଟ୍ଟନାୟକ ଏହି ଶିବିରର ଆୟୋଜନ କରିଥିଲେ । ଏଥିରେ ଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସହଯୋଗ କରିଥିଲେ । ଶିବିରରେ ସଂଗୃହୀତ ରକ୍ତ ତଲ୍ଲାଗଲି ବ୍ଲକ୍ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲଡ୍ ବ୍ୟାଙ୍କକୁ ପଠାଯାଇଛି । ଏହି ଅବସରରେ ଉପସ୍ଥିତ ଥିବା ଅତିଥି ଓ ଅଧିକାରୀମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଅନେକ ଯୁବକ ପ୍ରଥମଥର ପାଇଁ ରକ୍ତଦାନ କରିଥିବା ଜଣାପଡ଼ିଛି । ଏହି ଉଦ୍ୟମ ଜରିଆରେ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାରକ୍ତଦାନ ପ୍ରତି ସଚେତନତା ବୃଦ୍ଧି ପାଇବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତ

**ପାଦଚିହ୍ନ**

ନିଜ ଅନୁଭବର ସାହିତ୍ୟ କୌଣସି ଦର୍ଶନ ସହିତ ଚଳେ ନାହିଁ
ଏହା ନିଜ ଦର୍ଶନ ନିଜେ ସୃଷ୍ଟି କରିଥାଏ ।

## ସମ୍ପାଦକୀୟ

# ଝୁପି ଟେନ୍‌ସନ

ଉତ୍ତର ପ୍ରଦେଶରେ ଆଗାମୀ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ପାଣିପାଗ ଏବେ ପୂରା ଗରମ । ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ବିଜେପି ପୁଣି କ୍ଷମତାକୁ ଆସିବା ପାଇଁ ଜୋର୍ ଲଗାଇ ଦେଇଛି । ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ଓ ସମାଜବାଦୀ ପାର୍ଟି ମଧ୍ୟରେ ମେଣ୍ଟ ହୋଇପାରିନଥିଲା । ଉଭୟ ପୃଥକ୍ ପୃଥକ୍ ଭାବେ ରଣଭୂମିରେ ଅବତୀର୍ଣ୍ଣ ହୋଇଥିଲେ । ଏଥର ଏସ୍‌ପି ଓ କଂଗ୍ରେସ ମେଣ୍ଟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ମେଣ୍ଟ ହୋଇନାହିଁ, କିନ୍ତୁ ପ୍ରୟାସ ଜାରି ରହିଛି । ଏହାକୁ ନେଇ ଉଭୟ ପାର୍ଟି ମଧ୍ୟ ଟେନ୍‌ସନରେ । ଦୁଇ ଦଳ ମଧ୍ୟରେ ଏନେଇ ବୈଠକ ହେବାକୁ ଯାଉଛି। ବୈଠକରେ କେଉଁ ଦଳର କେଉଁ ନେତା ଉପସ୍ଥିତ ରହିବେ ଏହା ମଧ୍ୟ ଘୋଷଣା ହୋଇଯାଇଛି । ବୈଠକରେ ଫଳାଫଳ କ'ଣ ମିଳୁଛି ଏହା ଉପରେ ସବୁ ରାଜନୈତିକ ଦଳର ନଜର ରହିବା ସ୍ୱାଭାବିକ । ଉତ୍ତର ପ୍ରଦେଶ ଦେଶର ବଡ଼ ରାଜ୍ୟ, ଏହାର ବିଧାନସଭା ଆସନ ସଂଖ୍ୟା ସବୁ ରାଜ୍ୟ ତୁଳନାରେ ଅଧିକ, ୪୦୩ । ୨୦୨୨ ବିଧାନସଭା ନିର୍ବାଚନରେ ବିଜେପି ୩୬୭ ଆସନରେ ଲଢ଼ିଥିଲା, ଜିତିଥିଲା ୨୫୫ ଆସନରେ । ଭୋଟ୍ ଶେୟାର ରହିଥିଲା ୪୧.୨୯% । ଏସ୍‌ପି ୩୪୭ ଆସନରେ ଲଢ଼ିଥିଲା ଓ ୧୧୧ ଆସନ ଅକ୍ତିଆର କରିଥିଲା । ଭୋଟ୍ ଶେୟାର ରହିଥିଲା ୩୨.୦୬% । କଂଗ୍ରେସ ୩୯୯ ଆସନରେ ଲଢ଼ିଥିଲା, କିନ୍ତୁ ଅତ୍ୟନ୍ତ ନିରାଶାଜନକ ପ୍ରଦର୍ଶନ ହୋଇଥିଲା କଂଗ୍ରେସର । ଜିତିଥିଲା ମାତ୍ର ୨ଟି ଆସନରେ, ଭୋଟ୍ ଶେୟାର ରହିଥିଲା ୨.୩୩% । ଏଥର ଏସ୍‌ପି ସହ ମେଣ୍ଟ କରିବାକୁ ଆଗ୍ରହ ପ୍ରକାଶ କରିଛି କଂଗ୍ରେସ । ଶକ୍ତିଶାଳୀ ବିଜେପି ବିରୁଦ୍ଧରେ ଲଢ଼ିବା ପାଇଁ କଂଗ୍ରେସ ସହ ମଧ୍ୟ ହାତମିଳାଇବାକୁ ଏସ୍‌ପି ଚାହୁଁଛି । ନଚାହୁଁଥିଲେ ଆସନ ବୁଝାମଣା ଯାଏ କଥା ଯାଇନଥାନ୍ତା । କିନ୍ତୁ ଗତ ନିର୍ବାଚନରେ ନିରାଶାଜନକ ପ୍ରଦର୍ଶନ କରିଥିବା କଂଗ୍ରେସକୁ ତା'ର ଦାବି ଅନୁଯାୟୀ ଆସନ ଦେବାକୁ ଏସ୍‌ପି କେତେଦୂର ପ୍ରସ୍ତୁତ ଏହା ବୈଠକ ପରେ ସ୍ପଷ୍ଟ ହେବ । ନିକଟରେ ଗଣମାଧ୍ୟମ ସହ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ଆଲୋଚନା ସମୟରେ କଂଗ୍ରେସ ଉତ୍ତର ପ୍ରଦେଶରେ ୧୮୧ ଆସନ ଚାହୁଁଥିବା ଜଣାପଡ଼ିଥିଲା । ଅସାଦୁଦ୍ଦିନ ଓୱେସିଙ୍କ ଏଆଇଏମ୍‌ଆଇଏମ୍ ଉତ୍ତର ପ୍ରଦେଶରେ ଚନ୍ଦ୍ରଶେଖର ଆଜାଦଙ୍କ ସହ ମେଣ୍ଟ କରିଛି । ଏହି ମେଣ୍ଟ ଦଳିତ, ମୁସଲମାନଙ୍କ ଉପରେ ଗୁରୁତ୍ୱ ଦେବା ସହ ରାଜ୍ୟର ଥାର୍ଡ଼ ଫ୍ରଣ୍ଟ ବୋଲି ଦାବି କରୁଛି । ଓୱେସି-ଚନ୍ଦ୍ରଶେଖରଙ୍କ ମେଣ୍ଟ ମୈଦାନକୁ ଓହ୍ଲାଇଲେ ଏଥିରୁ ବିଜେପିକୁ ଫାଇଦା ମିଳିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ଆଶା କରୁଛନ୍ତି, କାରଣ ମୁସଲମାନ ଭୋଟ୍ ଏସ୍‌ପି ସପକ୍ଷରେ ସେଭଳି ଯିବନାହିଁ ।

**ଶକ୍ତିଶାଳୀ ବିଜେପି ବିରୁଦ୍ଧରେ ଲଢ଼ିବା ପାଇଁ ଏସ୍‌ପି ସହ ମେଣ୍ଟ କରିବାକୁ ଚାହୁଁଛି କଂଗ୍ରେସ । ଏସ୍‌ପି ମଧ୍ୟ କଂଗ୍ରେସ ସହ ହାତ ମିଳାଇବାକୁ ଆଗ୍ରହୀ ।**

# ବିରଳ ସାମଞ୍ଜସ୍ୟ

ଓଡ଼ିଶା ଅକ୍ଟୋବର-ନଭେମ୍ବରରେ ଦେଖିଲା ତିନିଟି ବାତ୍ୟା ଅର୍ଣ୍ଣବ, ମୁରାସୁ ଓ ଅକୱାନ । ପୁଣି ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି । ଅବଶ୍ୟ ଏହାର ରୂପରେଖ, ଗତି ଓ ତୀବ୍ରତାକୁ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ୧୯୯୯ ମହାବାତ୍ୟା ପରେ ବାତ୍ୟା ନାଁ ଶୁଣିଲେ ଛାତିରେ ଛନକା ପଶିଯାଉଛି । ଚାଷୀଙ୍କ ଚିନ୍ତା ବଢ଼ିଯାଉଛି । କିନ୍ତୁ ପ୍ରକୃତିର ନିୟମକୁ କିଏ ବା ରୋକିପାରିବ । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଏଥରର ବାତ୍ୟା ଓ ୧୯୮୭ର ବାତ୍ୟା ମଧ୍ୟରେ ରହିଛି ବିରଳ ସାମଞ୍ଜସ୍ୟ। ୩୯ ବର୍ଷ ପୂର୍ବେ ମଧ୍ୟ ଏହିଭଳି ତିନିଟି ବାତ୍ୟା ହୋଇଥିଲା, ଠିକ୍ ଏଥର ଭଳି। ପ୍ରାୟତଃ ଉତ୍ତର ବଙ୍ଗୋପସାଗରରେ ବର୍ଷକୁ ହାରାହାରି ୫ଟି ବାତ୍ୟା ହୋଇଥାଏ- ଏପ୍ରିଲ, ଜୁନ୍ ଏବଂ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରରେ। ତେବେ ପ୍ରତ୍ୟେକ ବର୍ଷ ଯେ ପାଞ୍ଚଟି ବାତ୍ୟା ହେବ, ଏହା କହିହେବ ନାହିଁ। ଏହା ଏକ ହାରାହାରି ହିସାବ। ସାଧାରଣତଃ ଓଡ଼ିଶାରେ ଅକ୍ଟୋବରକୁ ବାତ୍ୟାର ମାସ କୁହାଯାଏ। କିନ୍ତୁ ନଭେମ୍ବରରେ ଏଥର ବାତ୍ୟା ମଧ୍ୟ ହୋଇଛି। ଲଗାତାର ତିନିଟି ବାତ୍ୟା ହେବାର ମୁଖ୍ୟ କାରଣକୁ ନେଇ ଆଇଏମ୍‌ଡି ଡିଜି କହିଛନ୍ତି, ଶକ୍ତିଶାଳୀ ଏଲ୍ ନିନୋ ପ୍ରଭାବ ଯୋଗୁ ଏଭଳି ହେଲା। ୧୯୮୭ରେ ଏଲ୍ ନିନୋର ପ୍ରଭାବ ରହିଥିଲା। ୧୯୭୬ରେ ମଧ୍ୟ ଏହିଭଳି ଘଟିଥିଲା, କିନ୍ତୁ ୧୯୮୭ର ସାମଞ୍ଜସ୍ୟ ରହିଛି ୨୦୨୬ ସହ ।



# ବୃଦ୍ଧ ଜୈନ ଗୁରୁ

ଜଣେ ବୃଦ୍ଧ ଜୈନ ଗୁରୁ ଥିଲେ । ସେ ମଠରେ କେବଳ କିଛି ଶିଷ୍ୟଙ୍କୁ ପଢ଼ାଉଥିଲେ । ଦିନେ ଜଣେ ବଳବାନ ଯୋଦ୍ଧା ସେହି ଆଶ୍ରମକୁ ଆସିଲେ । ସେହି ଯୋଦ୍ଧା କୌଣସି ଲଢ଼େଇରେ ହାରିନଥିଲେ । ଯୋଦ୍ଧା ଭାବିଲେ ମୁଁ ଯଦି ବୃଦ୍ଧ ଜୈନ ଗୁରୁଙ୍କୁ ଉସୁକାଇ ତାଙ୍କ ସାଙ୍ଗରେ ଯୁଦ୍ଧ କରି ଜିତିଯାଏ ତେବେ ମୋର ଖ୍ୟାତି ଅଧିକ ବଢ଼ିଯିବ । ସେହି ଉଦ୍ଦେଶ୍ୟ ନେଇ ସେ ଆଶ୍ରମ ଆସି ଜୈନ ଗୁରୁଙ୍କୁ ଯୁଦ୍ଧ ପାଇଁ ଡାକରା ଦେଲା । ବୃଦ୍ଧ ସନ୍ୟାସୀ ଶାନ୍ତ ଭାବରେ ଯୋଦ୍ଧାଙ୍କ ପ୍ରସ୍ତାବକୁ ଏଡ଼ାଇଗଲେ । ଯୋଦ୍ଧା ଏଥର ତା'ର ଅସଲି ରୂପ ଦେଖାଇଲା । ଏତେ ଗାଳି ବୃଦ୍ଧ ସନ୍ୟାସୀଙ୍କୁ କଲା ଯେ, ସେ ନିଜେ ମଧ୍ୟ ହାଲିଆ ହୋଇଗଲା । ବୃଦ୍ଧ ସନ୍ୟାସୀ ସେମିତି ତାହା ଶୁଣି ଠିଆ ହୋଇରହିଲେ । ଯୋଦ୍ଧା ଏଥର ତାଙ୍କର ପୂର୍ବପୁରୁଷଙ୍କୁ ମଧ୍ୟ ଗାଳି ଦେବାରେ ଲାଗିଲା । ଏଥର ମଧ୍ୟ ସନ୍ୟାସୀ ନିରୁତ୍ତର ରହିଲେ । ଏଭଳି ସ୍ଥିତିରେ ଯୋଦ୍ଧା ଜଣକ ଗୋଡ଼ କଚାଡ଼ି କ୍ରୋଧରେ ସେଠାରୁ ପଳାଇଗଲେ । ସେ ଯିବାପରେ ଆଶ୍ରମର ଅନ୍ତେବାସୀ ଗୁରୁଙ୍କ ଉପରେ ଖପ୍ପା ହେଲେ ଏବଂ କହିଲେ ଗୁରୁଜୀ ଆପଣ କାହିଁକି ଚୁପ୍ ରହିଲେ, ଆମକୁ ଇଶାରା ଦେଇଥିଲେ ଆମେ ମୁହଁତୋଡ଼ ଜବାବ ଦେଇଥାନ୍ତୁ । ଶିଷ୍ୟମାନଙ୍କର କଥା ଶୁଣି ଜୈନ ଗୁରୁ କହିଲେ ଯଦି କୌଣସି ଲୋକ ତୁମ ପାଖକୁ କୌଣସି ଜିନିଷ ଦେବା ପାଇଁ ଆସୁଛି ତୁମେ ଯଦି ତାକୁ ଗ୍ରହଣ ନକର ତେବେ ଜିନିଷଟି କାହା ପାଖରେ ରହିଯିବ? ଶିଷ୍ୟମାନେ କହିଲେ ଜିନିଷଟି ଦେଉଥିବା ଲୋକ ପାଖରେ ରହିଯିବ । ତେବେ କ୍ରୋଧ ଓ ଅପମାନରେ ମଧ୍ୟ ସେହି କଥା ଲାଗୁହେବ । ଯଦି କ୍ରୋଧ, ଅପମାନ ଦେଉଥିବା ଲୋକର କଥା ମୁଁ ଗ୍ରହଣ ନକଲି, ତେବେ ତାହା ସେହି ଲୋକ ପାଖରେ ରହିଯିବ ।




# ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକ ବିଚାରଧାରା

**ଅନନ୍ତ ଚରଣ ସ୍ୱାଇଁ**

ଆଧ୍ୟାତ୍ମିକତା ବିଚାରଧାରା ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ଆଣିଥାଏ। ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକ ବିଚାରଧାରା ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ। ଧନ ଉପାର୍ଜନ, ସଞ୍ଚୟ, ବିନିଯୋଗ ଓ ବ୍ୟୟକୁ ଆତ୍ମିକ ସଚେତନତା, ନୀତିଗତ ମୂଲ୍ୟ, ଧର୍ମ ଓ କରୁଣା ସହ ଜଡିତ ଧନକୁ ଲକ୍ଷ୍ୟ ତୁହେଁ, ବରଂ ଏକ ସାଧନ ଭାବରେ ଦେଖାଯାଏ ।

ପ୍ରାଚୀନ ଋଷିମାନେ ଅର୍ଥକୁ ଏକ ଶକ୍ତି (ଶକ୍ତି ସ୍ୱରୂପ) ବୋଲି ବିବେଚନା କରିଥିଲେ, ଯାହା ସମୃଦ୍ଧି, ସମ୍ମାନ ଓ ଶକ୍ତିର ପ୍ରତୀକ। ବିଗତ କିଛି ବର୍ଷ ଧରି ଦେଶର ଅର୍ଥନୀତିରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ଦେଶ ସମୃଦ୍ଧ ହେବା ସହ ଦାରିଦ୍ର୍ୟ ହ୍ରାସ ପାଇଛି। ବିଶ୍ୱ ବ୍ୟାଙ୍କର ସଂଶୋଧିତ ଅନ୍ତର୍ଜାତୀୟ ଦାରିଦ୍ର୍ୟ ସୀମା ଦିନକୁ ୩ ଡଲାର ଅନୁଯାୟୀ, ୨୦୨୨-୨୩ରେ ଭାରତର ଅତି ଦାରିଦ୍ର୍ୟ ୫ .୩% ରହିଥିଲା, ଯେତେବେଳେ ବହୁ ଆୟାମୀ ଦାରିଦ୍ର୍ୟ ଥିଲା ୧୫ .୫% । ଏହି ସର୍ଭେରେ ଉଲ୍ଲେଖ ଅଛି ଯେ ନୀତି ଆୟୋଗର ବହୁଆୟାମୀ ଦାରିଦ୍ର୍ୟ ସୂଚକାଙ୍କ ଅନୁଯାୟୀ, ଆମ ଦେଶରେ ୨୦୦୫-୬ରେ ୫୫ .୩% ଥିବା ଦାରିଦ୍ର୍ୟ ହାର ୨୦୨୨-୨୩ରେ ୧୧ .୨୮% କୁ କମିଛି। ହେଲେ ଆର୍ଥିକ ସମୃଦ୍ଧି ସହ ବଢି ଚାଲିଛି ଅସମତା।। ବିଶ୍ୱ ଅସମାନତା ରିପୋର୍ଟ (୨୦୨୬) ଅନୁସାରେ, ବିଶ୍ୱର ଶୀର୍ଷ ୧୦ ପ୍ରତିଶତ ଲୋକଙ୍କ ପାଖରେ ମୋଟ ସମ୍ପତ୍ତିର ୭୫ ପ୍ରତିଶତ ମାଲିକନା ରହିଛି। ୫୦% ଙ୍କ ପାଖରେ ଅଛି ମାତ୍ର ୨% ସମ୍ପତ୍ତି। ଶୀର୍ଷ ୧% ବିଶ୍ୱ ସମ୍ପତ୍ତିର ୩୭% ନିୟନ୍ତ୍ରଣ କରନ୍ତି-ଯାହା ତଳ ଅର୍ଦ୍ଧ ଜନସଂଖ୍ୟାର ମିଶ୍ରିତ ସମ୍ପତ୍ତିଠାରୁ ୧୮ ଗୁଣା ଅଧିକ।

ଶୀର୍ଷ ୧% ଆୟକାରୀଙ୍କ ପାଖରେ ଦେଶର ସମୁଦାୟ ସମ୍ପତ୍ତିର ପ୍ରାୟ ୪୦% ଅଛି। ଏହି ପରିସଂଖ୍ୟାନରୁ ଜଣାଯାଏ ଯେ ଦେଶର ଆର୍ଥିକ ସମୃଦ୍ଧି ସହ ବୃଦ୍ଧି ପାଉଛି ଆର୍ଥିକ ଅସମାନତା। ଏପରି ଅସମତା ବୃଦ୍ଧି ପାଇଲେ ସମାଜରେ ହିଂସା, ଅଶାନ୍ତି ଓ ଅରାଜକତା ବଢିଚାଲିବ ।

ଆଧୁନିକ ଯୁଗରେ ଧନ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ଜୀବନଯାପନ, ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ସମ୍ମାନ-ସବୁକିଛି ଧନ ସହ ଗଭୀର ଭାବେ ଜଡିତ। କିନ୍ତୁ ଆଜିର ଅତ୍ୟଧିକ ଭୋଗବାଦୀ ଓ ବସ୍ତୁବାଦୀ ସମାଜରେ ଧନ କେବଳ ଆବଶ୍ୟକତା ପୂରଣରେ ସୀମିତ ନାହିଁ। ଏହା ଆତ୍ମସମ୍ମାନ, ଶକ୍ତି ଓ ପ୍ରଭୁତ୍ୱର ପରିମାପକ ହୋଇପଡ଼ିଛି। ଏହା ମାନବକୁ ଲୋଭ, ଭୟ, ଈର୍ଷା, ଚିନ୍ତା ଓ ଅସନ୍ତୋଷ ମଧ୍ୟକୁ ନେଇଯାଉଛି। ଏହି ପରିପ୍ରେକ୍ଷୀରେ ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକତାର ପ୍ରବେଶ, ଧନକୁ କେବଳ ଆର୍ଥିକ ଲାଭ ଦୃଷ୍ଟିରୁ ତୁହେଁ, ମାନବୀୟ ମୂଲ୍ୟବୋଧ, ନୀତି ଓ ସମାଜିକ ଦାୟିତ୍ୱର ପଥ ପ୍ରଦର୍ଶକ ଭାବେ ଦେଖିଥାଏ ।

ଆଧ୍ୟାତ୍ମିକ ବିଚାରଧାରାରେ ଅର୍ଥ ବା ଧନ ମାନବ ସେବା ପାଇଁ ଉଦ୍ଦିଷ୍ଟ। ମାନବ ଧନର ଦାସ ହେବା ପାଇଁ ତୁହେଁ । ଆର୍ଥିକ ସଫଳତା ସହିତ ଆନ୍ତରିକ ଶାନ୍ତି ହିଁ ଆଧ୍ୟାତ୍ମିକ ଅର୍ଥନୀତିର ମୂଳ ଲକ୍ଷ୍ୟ। ପାରମ୍ପରିକ ଅର୍ଥନୀତି ହେଉଛି ବ୍ୟକ୍ତି କୈନ୍ଦ୍ରିକ। ଏହା ନିଜ ସମ୍ପତ୍ତି ବଢ଼ାଇବାରେ ପ୍ରଚେଷ୍ଟା କରିଥାଏ। ଅନ୍ୟପକ୍ଷରେ ଅର୍ଥନୀତିରେ ଆଧ୍ୟାତ୍ମିକତା ନୈତିକତା, ସାମଗ୍ରୀକ ସମୃଦ୍ଧି, ସଚ୍ଚୋଟତା ଏବଂ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇଥାଏ।

ସମୃଦ୍ଧି କେବଳ ଭୌତିକ ସମ୍ପତ୍ତି ତୁହେଁ, ବରଂ ସ୍ୱାସ୍ଥ୍ୟ, ସୁଖ, ପ୍ରେମ, ଜ୍ଞାନ ଏବଂ ଆନ୍ତରିକ ଶାନ୍ତିର ସମଷ୍ଟି। ସମୃଦ୍ଧି ହେଉଛି ଭଗବାନଙ୍କ ଆଶୀର୍ବାଦ ଓ ସମଗ୍ର ସମାଜ ପାଇଁ ଏକ ଉପହାର।

କର୍ମ ଓ ଧନ: ଆମର କର୍ମ ଏବଂ ଆଚରଣ ଉପରେ ଆମର ଆର୍ଥିକ ସ୍ଥିତି ନିର୍ଭର କରେ । ନ୍ୟାୟ, ନୈତିକତା ଓ ସତ୍ୟ ଉପରେ ଆଧାରିତ କାର୍ଯ୍ୟଦ୍ୱାରା ଅର୍ଜିତ ଧନ ସ୍ଥାୟୀ ହୁଏ ଏବଂ ଆନନ୍ଦ ଆଣିଥାଏ। ଅସତ୍ ଉପାୟରେ ଅର୍ଜିତ ଧନ ଦୁଃଖ ଏବଂ ଅଶାନ୍ତି ଆଣିଥାଏ।

ଦାନ ଏବଂ ପରୋପକାର: ପ୍ରାଚୀନ ଭାରତୀୟ ପରମ୍ପରାରେ ଦାନ ଏକ ପବିତ୍ର କର୍ତ୍ତବ୍ୟ ଭାବରେ ବିବେଚିତ ହୋଇଥାଏ । ଆୟର ଏକ ନିର୍ଦ୍ଦିଷ୍ଟ ଅଂଶ ସାମାଜିକ କଲ୍ୟାଣ ପାଇଁ ଦାନ କରିବା ଉଚିତ୍। ଏହାଦ୍ୱାରା ଧନର ଶୁଦ୍ଧିକରଣ ହୁଏ ଏବଂ ଆଧ୍ୟାତ୍ମିକ ଉନ୍ନତି ଘଟେ।

ଗୀତାରେ ବର୍ଣ୍ଣିତ କର୍ମଯୋଗ ଅନୁସାରେ ଫଳର ଆଶା ନ ରଖି ଆମେ ନିଷ୍ଠା ସହିତ ନିଜର କର୍ତ୍ତବ୍ୟ ପାଳନ କରିବା ଉଚିତ। ଏହି ଭାବନା ଆର୍ଥିକ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରିଥାଏ ।

ଅସ୍ଥିରତା ଓ ବିଶ୍ୱାସ: ଆଧ୍ୟାତ୍ମିକତା ବିଚାରାଧାରାରେ ବିଶ୍ୱାସ କରାଯାଏ ଯେ ସମସ୍ତ ଆବଶ୍ୟକତା ପୂରଣ ପାଇଁ ଭଗବାନ ଦାୟୀ। ଏହି ବିଶ୍ୱାସ ଆମକୁ ଆର୍ଥିକ ଚାପ ଏବଂ ଚିନ୍ତାରୁ ମୁକ୍ତ କରିଥାଏ।

ଅର୍ଥନୀତିରେ ଆଧ୍ୟାତ୍ମିକ ଆଚରଣ ଆଣିବା ପାଇଁ ପ୍ରାର୍ଥନା: ପ୍ରତିଦିନ ପ୍ରାର୍ଥନା କିମ୍ବା ଧ୍ୟାନ ସମୟରେ ଆର୍ଥିକ ସ୍ଥିରତା ପାଇଁ କାମନା କରିବା, ଭଗବାନଙ୍କ ଇଚ୍ଛାକୁ ଗ୍ରହଣ କରିବାର ମନୋଭାବ ରଖିବା।

ଯଜ୍ଞ: ଆୟର ଏକ ନିର୍ଦ୍ଦିଷ୍ଟ ଅଂଶ ସାମାଜିକ କାର୍ଯ୍ୟ, ଧାର୍ମିକ ସଂସ୍ଥା କିମ୍ବା ଗରିବ ଲୋକଙ୍କ ପାଇଁ ଦାନ କରିବା ଆବଶ୍ୟକ।

ସଚେତନ ବ୍ୟୟ: ପ୍ରତ୍ୟେକ ଟଙ୍କା ଖର୍ଚ୍ଚ କରିବା ପୂର୍ବରୁ ଏହି ପ୍ରଶ୍ନ କରିବା- ଏହା ଆବଶ୍ୟକ କି? ଏହା ସମ୍ମାନଜନକ କି? ଏହା ସାମାଜିକ ଉପକାରରେ ଆସିବ କି? ନୈତିକ ଉପାର୍ଜନ: ନ୍ୟାୟ, ସତ୍ୟ ଏବଂ ନୈତିକତା ଉପରେ ଆଧାରିତ ବ୍ୟବସାୟ କରିବା । କୌଣସି ପ୍ରକାରର ଶୋଷଣ, ପ୍ରତାରଣା କିମ୍ବା ଅନ୍ୟାୟ ଉପାୟରେ ଟଙ୍କା ଅର୍ଜନ କରିବା ନାହିଁ ।

ସରଳ ଜୀବନ: ଅତ୍ୟଧିକ ଭୋଗବିଳାସ ଏବଂ ବିଳାସତା ଠାରୁ ଦୂରରେ ରହିବା, ସାଦାସିଧା ଜୀବନ ଯାପନ କରିବା ।

କୃତଜ୍ଞତା: ଯାହା ଅଛି ତାହା ପାଇଁ କୃତଜ୍ଞ ହେବା ଏବଂ ଅଭାବ ଅନୁଭବ କରିବା। ପରିବର୍ତ୍ତେ ଆଶୀର୍ବାଦର ଗଣନା କରିବା। ଅର୍ଥ ପରିଚାଳନାରେ ଆଧ୍ୟାତ୍ମିକତା ବିଚାରଧାରା ବ୍ୟାଙ୍କିଙ୍ଗ୍, ବିମା ଓ ବିନିଯୋଗ କ୍ଷେତ୍ରରେ ନୈତିକତା ଏବଂ ଆଦର୍ଶକୁ ପ୍ରାଥମିକତା ଦେଇଥାଏ ।

ଅର୍ଥନୀତିରେ ଆଧ୍ୟାତ୍ମିକତା ହେଉଛି ଏକ ସନ୍ତୁଳିତ ଏବଂ ସର୍ବାଙ୍ଗୀଣ ଜୀବନ ଦର୍ଶନ, ଯାହା ଆମକୁ ଶିଖାଏ ଯେ ଅର୍ଥ ହେଉଛି ଜୀବନର ଏକ ଅଂଶ, ସମଗ୍ର ଜୀବନ ତୁହେଁ । ସମୃଦ୍ଧି ଅର୍ଜନ ଓ ବିତରଣ କରିବାର ଏକ ପବିତ୍ର ଉଦ୍ଦେଶ୍ୟ ରହିବା ଉଚିତ୍ । ଓଡ଼ିଶାର ପାରମ୍ପରିକ ସଂସ୍କୃତି, ଜଗନ୍ନାଥ ସଂସ୍କୃତି ଏବଂ ସାମୂହିକ ଜୀବନ ଏହି ଦର୍ଶନ ସହିତ ଗଭୀର ଭାବରେ ଜଡ଼ିତ। ଆଜିର ବିଶ୍ୱରେ ଯେତେବେଳେ ଯୁଦ୍ଧ ଅର୍ଥନୈତିକ ସଙ୍କଟ, ଚିନ୍ତା ଏବଂ ଅସନ୍ତୋଷ ବଢ଼ିଚାଲିଛି, ସେତେବେଳେ ଅର୍ଥନୀତିରେ ଆଧ୍ୟାତ୍ମିକ ଚିନ୍ତନର ଅଧିକ ଆବଶ୍ୟକତା ରହିଛି।

ଅର୍ଥନୀତିରେ ଆଧ୍ୟାତ୍ମିକତା ଦାରିଦ୍ର୍ୟକୁ କେବଳ ଟଙ୍କାର ଅଭାବ ଭାବେ ତୁହେଁ, ବରଂ ସୁଯୋଗ, ଶିକ୍ଷା ଓ ସମ୍ମାନର ଅଭାବ ଭାବରେ ଦେଖିଥାଏ। ସମାଜର ଶିକ୍ଷିତ ଓ ସମୃଦ୍ଧ ଶ୍ରେଣୀ ସେମାନଙ୍କ ସଂଘର୍ଷରେ ଆସୁଥିବା ଗରିବ ଲୋକଙ୍କ ପ୍ରତି ସବବେଦନା, କରୁଣା, ଦୟା ପ୍ରଦର୍ଶନ ସହ ସେମାନଙ୍କ ଆର୍ଥିକ ସମୃଦ୍ଧି ଆଣିବାରେ ସହାୟକ ହୋଇପାରିଲେ ଦେଶରୁ କ୍ରମେ ଦାରିଦ୍ର୍ୟ ହ୍ରାସ ପାଇ ଏକ ଶାନ୍ତି ପ୍ରିୟ, ସଫଳ ଓ ସନ୍ତୁଳିତ ସମାଜ ଗଠନ ସମ୍ଭବ ହୋଇପାରିବ।

ମୋ: ୭୩୮୧୦୪୬୪୭୭

# ନବଓଡ଼ିଶା ଗଠନର ଅଗ୍ରଦୂତ ନବକୃଷ୍ଣ ଚୌଧୁରୀ

**ଲକ୍ଷ୍ମୀଧର ପ୍ରଧାନ**

ଓଡ଼ିଶାର ଆଧୁନିକ ଇତିହାସରେ ନବକୃଷ୍ଣ ଚୌଧୁରୀ ଏକ ଅବିସ୍ମରଣୀୟ ଓ ଗୌରବମୟ ବ୍ୟକ୍ତିତ୍ୱ । ସେ ଥିଲେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ନିଷ୍ଠାପର ସମାଜସେବୀ, ଆଦର୍ଶବାଦୀ, ଜନନାୟକ, ଦକ୍ଷ ରାଜନୀତିଜ୍ଞ। ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ଅତୁଳନୀୟ। ସେ ୧୯୫୦ ମସିହାରୁ ୧୯୫୬ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ। ଶାସନ କ୍ଷମତାରେ ଥାଇ ମଧ୍ୟ ସେ ସରଳ ଜୀବନଯାପନ, ସଚ୍ଚୋଟତା, ନିର୍ଭୀକତା ଓ ଜନ କଲ୍ୟାଣକାରୀ ଚିନ୍ତାଧାରାକୁ ଗୁରୁତ୍ୱ ଦେଇଥିଲେ। କୃଷକ, ଶ୍ରମିକ ଓ ଦୁର୍ବଳ ବର୍ଗର ଲୋକମାନଙ୍କ ଉନ୍ନତି ପାଇଁ ସେ ସର୍ବଦା କାର୍ଯ୍ୟ କରୁଥିଲେ। ତାଙ୍କର ତ୍ୟାଗ, ଆଦର୍ଶ ଓ ମାନବବାଦୀ ଚିନ୍ତାଧାରା ଆଜି ମଧ୍ୟ ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ମୁଖ୍ୟମନ୍ତ୍ରୀ ଭାବେ ସେ ରାଜ୍ୟର ସାମାଜିକ, ଅର୍ଥନୈତିକ ଓ କୃଷିଭିତ୍ତିକ ବିକାଶରେ ଅନେକ ଅବଦାନ ରଖିଥିଲେ।

ନବକୃଷ୍ଣ ଚୌଧୁରୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁରେ ୧୯୦୧ ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଗୋକୁଳାନନ୍ଦ ଚୌଧୁରୀ ଓକିଲ ଥିଲେ । ମାତାଙ୍କ ନାମ ସ୍ୱର୍ଣ୍ଣମୟୀ ଦେବୀ, ସ୍ତ୍ରୀ ମାଳତୀ ଚୌଧୁରୀ, ପୁଅ ବିନାୟକ ଚୌଧୁରୀ, ବଡ଼ ଝିଅ ଉତ୍ତରା ଦେଶାଇ ଓ ସାନ ଝିଅ କୃଷ୍ଣା ମହାନ୍ତି। ନବକୃଷ୍ଣ ପ୍ୟାରୀମୋହନ ଏକାଡେମିରୁ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ଶୈଶବରେ ଖେଳ କସରତ ପ୍ରିୟ ଥିଲେ। ପିତା ତାଙ୍କୁ ଏହି ଦିଗରେ ଉତ୍ସାହିତ କରୁଥିଲେ ଓ ତାଲିମ ଦେବା ନିମନ୍ତେ ଜଣେ ପ୍ରଶିକ୍ଷକଙ୍କୁ ନିଯୁକ୍ତ କରିଥିଲେ। ପାଠ ଉପରେ ଆଗ୍ରହ ଦେଖି ତାଙ୍କୁ କଟକସ୍ଥିତ ପ୍ୟାରୀମୋହନ 

# ଡାଏଲିସିସ୍ ମେସିନ୍ ଅଚଳ: ଜୀବନ ମରଣ ସମସ୍ୟାରେ କିଡନୀ ରୋଗୀ




ହିଞ୍ଜିଳିକାଟୁ,୨୨।୧୧(ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଥିବା ତେବେ ଡାଏଲିସିସ୍ ସେଣ୍ଟର ଗତ ଅକ୍ଟୋବର ୨୭ ତାରିଖରୁ ପାଖାପାଖି ଏକମାସ ଧରି କାର୍ଯ୍ୟକ୍ଷମ ନ ଥିବା ରୋଗୀ ଓ ସମ୍ପର୍କୀୟଙ୍କ ଠାରୁ ସୂଚନା ମିଳିଛି। ସେଣ୍ଟରଟି ବନ୍ଦ ରହିବା କାରଣରୁ ଦୂରଦୂରାନ୍ତରୁ ଓ ସ୍ଥାନୀୟ ଅଞ୍ଚଳରୁ ଆସୁଥିବା କିଡନୀ ରୋଗୀ ଡାଏଲିସିସ୍ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଫଳରେ ଗରିବ, ଅବହେଳିତ ଓ ଆର୍ଥିକ ଅନଟନ ଦେଇ ଗତି କରୁଥିବା କିଡନୀ ରୋଗୀଙ୍କ ଶାରୀରିକ ଓ ମାନସିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ଜୀବନର ଦୋଛକିରେ କାଳାତିପାତ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିବା ରୋଗୀଙ୍କ ଆବେଗଭରା ଓ ଅସହାୟ ପରିସ୍ଥିତିରୁ ସ୍ପଷ୍ଟ ବାରି ହୋଇଛି। ଏଭଳି ଦୁର୍ଦ୍ଦିନ ସମୟରେ କିଡନୀ ରୋଗୀଙ୍କ ଦୂରାବସ୍ଥା ପ୍ରତି ଦୃଷ୍ଟି ଦେବା ପାଇଁ ସାଂସଦ କିମ୍ବା ନେତାଙ୍କ ଆନ୍ତରିକ ସହଯୋଗ ନଥିଲା ଭଳି ଆଲୋଚନା ହୋଇଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ନା ପ୍ରଶାସନିକ ଅବହେଳା କିମ୍ବା ଅନ୍ୟ କେଉଁ କାରଣରୁ ଏହା କାର୍ଯ୍ୟକ୍ଷମ ହେଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡାଏଲିସିସ୍ ସେଣ୍ଟର କେବେ କାର୍ଯ୍ୟକ୍ଷମ ହୋଇ ଚିକିତ୍ସା ସେବା ଉପଲବ୍ଧ ହେବ ତାକୁ ନେଇ ଶହ ଶହ କିଡନୀ ରୋଗୀ ଚାହିଁ ବସିଛନ୍ତି।

ସୂଚନା ଯୋଗ୍ୟ ଯେ କିଡନୀ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ପ୍ରଦାନ ପାଇଁ ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଅଧୁନା ରାଜ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ କରକମଳରେ ୧୭ ଫେବୃୟାରୀ ୨୦୨୪ ମସିହାରେ ଏହି ଡାଏଲିସିସ୍ ସେଣ୍ଟର ଉଦଘାଟିତ ହୋଇଥିଲା। ପ୍ରାୟ ୫୦ ଲକ୍ଷ ଟଙ୍କାର ଯନ୍ତ୍ରପାତି ଓ ଅନ୍ୟାନ୍ୟ ଉପକରଣ ବ୍ୟୟ ବରାଦ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯାଇ ଥିଲା। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିୟନ୍ତ୍ରଣରେ ଥିବା ଡାଏଲିସିସ୍ ସେଣ୍ଟରଟି କଲିକତାର ଏସକାଗ ସଂଜୀବନୀ ପ୍ରାଇଭେଟ୍ ଲିମିଟେଡ ଏବଂ ମିଶନ ନିର୍ଦ୍ଦେଶକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ପିପିପି ମୋଡରେ କାର୍ଯ୍ୟକ୍ଷମ ହୋଇଛି। ଏହି ସେବା ମାଗଣାରେ ଉପଲବ୍ଧ ହୋଇଥିଲା ବେଳେ ଏହି ସେବାରୁ ବଞ୍ଚିତ ହେବା କିମ୍ବା କୌଣସି ଅସୁବିଧାର ସମ୍ମୁଖୀନ ହେଉଥିଲେ ୧୮୦୦୧୦୨୨୨୯୪ ଟୋଲ୍ ଫ୍ରି ନମ୍ବର ରେ ସମ୍ପର୍କ ରଖିବା ପାଇଁ ବି ସୂଚନା ଦିଆ ଯାଇଛି। ଉପଯୁକ୍ତ ଚିକିତ୍ସା ସେବାର ସୁଯୋଗ ନେଇ ଗଞ୍ଜାମ ଜିଲ୍ଲାର ଆସିକା, ଶେରଗଡ, ଆଡପଡା, ପୁରୁଷୋତ୍ତମପୁର, କବିସୂର୍ଯ୍ୟ ନଗର ସହିତ ସ୍ଥାନୀୟ ବ୍ଲକର ସାରୁ, କଞ୍ଚୁରୁ ଓ ପୋଚିଲିମା ଆଦି ଗ୍ରାମାଞ୍ଚଳର କିଡନୀ ରୋଗୀ ନିୟମିତ ବ୍ୟବଧାନରେ ଚିକିତ୍ସା ସୁବିଧା ପାଉଥିବା ଜଣାପଡ଼ିଛି। ସେଣ୍ଟରରେ ମୂଲ୍ୟବାନ ଯନ୍ତ୍ରପାତି, ୪ଶଯ୍ୟା ଓ ୩ ଜଣ ପ୍ରଶିକ୍ଷିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ମାସିକ ପ୍ରାୟ ୩ ଶହରୁ ଅଧିକ କିଡନୀ ରୋଗୀଙ୍କ ଡାଏଲିସିସ୍ କରାଯାଇଥାଏ। ଫଳରେ ରୋଗୀ ଓ ସମ୍ପର୍କୀୟ ଅଯଥା ଆର୍ଥିକ କ୍ଷତିରୁ ରକ୍ଷା ପାଇବା ସହ ନିରାପଦ ପରିବେଶରେ ଚିକିତ୍ସା ସେବାର ସୁଯୋଗ ପାଇଥାନ୍ତି।

# କଳିଙ୍ଗା ଘାଟିରେ ଯାନବାହନ ଚଳାଚଳ ସ୍ୱାଭାବିକ




ଫୁଲବାଣୀ,୨୨।୧୧(ନି.ପ୍ର):ବାତ୍ୟା 'ଅକୱାନ'ପ୍ରଭାବରେ କନ୍ଧମାଳ ଜିଲ୍ଲାର କଳିଙ୍ଗ ଘାଟି ରାସ୍ତାରେ ଲାଗୁ ହୋଇଥିବା ଯାନବାହନ ଚଳାଚଳ କଟକଣାକୁ ପ୍ରଶାସନ ପକ୍ଷରୁ ଚୁରନ୍ତ ପ୍ରତ୍ୟାହାର କରି ନିଆଯାଇଛି। ଫଳରେ ଆଜିଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ଘାଟି ରାସ୍ତାରେ ସମସ୍ତ ପ୍ରକାରର ଯାନବାହନ ଚଳାଚଳ ପୁଣିଥରେ ସ୍ୱାଭାବିକ ହୋଇଛି। ପାଣିପାଗରେ ସୁଧାର ଆସିବା ପରେ ବିଭାଗୀୟ ଅଧିକାରୀମାନେ କଳିଙ୍ଗ ଘାଟି ରାସ୍ତାର ସୁରକ୍ଷା ସ୍ଥିତି ଯାଞ୍ଚ କରିଥିଲେ। ରାସ୍ତାଟି ଯାତାୟାତ ପାଇଁ ସମ୍ପୂର୍ଣ୍ଣ ନିରାପଦ ଥିବା ରିପୋର୍ଟ ମିଳିବା ପରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବେଦଭୂଷଣ ପୂର୍ବରୁ ଜାରି ହୋଇଥିବା କଟକଣା ନିର୍ଦ୍ଦେଶନାମାକୁ ରଦ୍ଦ କରିଛନ୍ତି। ସୂଚନାଯୋଗ୍ୟ ଯେ, ବାତ୍ୟା 'ଅକୱାନ' ପାଇଁ ଗତ ୧୯ ତାରିଖରୁ କଳିଙ୍ଗ ଘାଟି ରାସ୍ତାରେ ସମସ୍ତ ମୋଟର ଯାନ ଚଳାଚଳ ବନ୍ଦ ରଖାଯାଇଥିଲା। ତେବେ କଟକଣା ହଟିବା ପରେ ରାସ୍ତାରୁ ତୁରନ୍ତ ବ୍ୟାରିକେଡ୍ ହଟାଇ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଗମ କରିବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜାତୀୟ ରାଜପଥ ବିଭାଗ, ଉପ-ଜିଲ୍ଲାପାଳ, ତହସିଲଦାର ଏବଂ ସ୍ଥାନୀୟ ପୋଲିସ ପ୍ରଶାସନକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କଟକଣା ହଟିବା ପରେ ଯାତ୍ରୀ ଓ ଯାନବାହାନ ଚାଳକଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

### 'ଅକୱାନ' ଓ ମହୁଲଖମଣା ନଦୀବନ୍ଧ ଘାଇ ଯୋଗୁଁ
# କ୍ଷତିଗ୍ରସ୍ତ ଧାନ ଜମି ପରିଦର୍ଶନ କଲେ ଉପଜିଲ୍ଲାପାଳ



ଭଞ୍ଜନଗର,୨୨।୧୧(ନି.ପ୍ର):ବାତ୍ୟା 'ଅକୱାନ' ସମୟରେ ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ ସିସୁଣ୍ଡା ନିକଟସ୍ଥ ମହୁଲଖମଣା ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ନାଚୁଣୀ ନାଳ ଓ ଝାଙ୍କୁଡ଼ି ନାଳର ଜଳସ୍ତର ବୃଦ୍ଧି ପାଇ ବିଭିନ୍ନ ଗ୍ରାମର ଚାଷଜମି ଜଳମଗ୍ନ ହେବା ସହ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି।ଏହି ପରିପ୍ରେକ୍ଷୀରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ ବିଭିନ୍ନ କ୍ଷତିଗ୍ରସ୍ତ ଗ୍ରାମ ପରିଦର୍ଶନ କରି ଜଳମଗ୍ନ ଓ କ୍ଷତିଗ୍ରସ୍ତ ଧାନ ଫସଲ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସେ ପ୍ରଭାବିତ ଚାଷୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଫସଲ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। କ୍ଷତିଗ୍ରସ୍ତ ଚାଷଜମିର ତୁରନ୍ତ ଆକଳନ କରି ଆବଶ୍ୟକୀୟ ରିପୋର୍ଟ ପ୍ରସ୍ତୁତ କରିବାକୁ ଉପଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉପଜିଲ୍ଲାପାଳ ଶ୍ରୀ ବେହେରା ଚୁଗୁଡ଼ା ତହସିଲ ଅନ୍ତର୍ଗତ କରଚୁଳଲି, ବିରଞ୍ଚିପୁର, ଉଦୟପୁର ଓ ମାଣିକେଶ୍ୱର ଅଞ୍ଚଳ ପରିଦର୍ଶନ କରି ବାତ୍ୟା ଓ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଧାନ ଫସଲ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଟୁଲିଆମା, ସମ୍ପୃକ୍ତ ତହସିଲର ତହସିଲଦାର , ବିଡିଓ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଚାକିରି ଦେବା ନାଁରେ ବିପୁଳ ଟଙ୍କା ଠକେଇ, ମାଷ୍ଟରମାଇଣ୍ଡ ଗିରଫ
# ନକଲି ନିଯୁକ୍ତିପତ୍ର, ହାଇକୋର୍ଟ ଅର୍ଡର କପି, ସିଲ୍ ଷ୍ଟାମ୍ପ ଜବତ



ଗଞ୍ଜାମ ବ୍ଲକ,୨୨।୧୧(ନି.ପ୍ର):ରମ୍ଭା ଥାନା ଅଞ୍ଚଳର ଦୁଇ ଯୁବକଙ୍କୁ ଚାକିରୀ ଦେବା ନାଁରେ ଠକେଇ ଅଭିଯୋଗରେ ଜଣେ ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରମ୍ଭା ଥାନା ପୋଲିସ। ଗିରଫ ହୋଇଥିବା ବ୍ୟକ୍ତି ଜଣକ ହେଲେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗାଙ୍ଗପୁର ଥାନା ଅଞ୍ଚଳର ଖଇରପୁଟି ଗ୍ରାମର ଅମିର କୁମାର ଭୂୟାଁ। ଗତ ୨୦୨୩ ମସିହାରେ ରମ୍ଭା ଥାନା ଅଞ୍ଚଳର ଏକ ଗ୍ରାମର ଦୁଇ ଭାଇଙ୍କୁ ଡବ୍ଲ୍ୟୁଇଓ ଓ ଜେଇ ଚାକିରି କରେଇ ଦେବା ନେଇ ଅଭିଯୁକ୍ତ ଜଣକ ୪୫ ଲକ୍ଷ ୨୭ ହଜାର ଟଙ୍କା ନେଇଥିଲେ। ଚାକିରୀ ମିଳିବ ବୋଲି ଆଶା ଦେଖାଇ ବାରମ୍ବାର ଟଙ୍କା ନେଇଥିଲେ । ପରେ ଅଭିଯୁକ୍ତଙ୍କ ସହ ଉକ୍ତ ଦୁଇ ଭାଇଙ୍କ ଯୋଗାଯୋଗ ନହେବାରୁ ୨ ବର୍ଷ ହେଲା ତାଙ୍କୁ ଖୋଜୁଥିଲେ। ଗତ ଦେଢ଼ ବର୍ଷ ପୂର୍ବରୁ ଭୁବନେଶ୍ୱର ଟମାଟ ଥାନା ପୋଲିସ ସହାୟତାରେ ଟଙ୍କା ଫେରସ୍ତ ପାଇଁ ଚୁକ୍ତିନାମା ହୋଇଥିଲା। କିଛି ଦିନ ପରେ ଅମିର ଭୂୟାଁଙ୍କ ମୋବାଇଲ ସୁଇଚ୍ ଅଫ୍ ଆସିଥିଲା। ଗତ ୨୦୨୫ ମସିହା ନଭେମ୍ବର ମାସରେ ଉକ୍ତ ଦୁଇ ଭାଇ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ରମ୍ଭା ଥାନା ପୋଲିସ କେଶ୍ ନଂ-୮୯୮/୨୫ ମାମଲା ରୁଜୁ କରିଥିଲେ। ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ଏହାର ତଦନ୍ତ କରିଥିଲେ।

ଭୁବନେଶ୍ୱରର ଉତ୍ତରା ଅଞ୍ଚଳରୁ ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଷ୍ଟାମ୍ପ, ସିଲ୍, ନକଲି ୪୪ଟି ଆପଏଣ୍ଟମେଣ୍ଟ ଲେଟର, ନକଲି ହାଇକୋର୍ଟର ଅର୍ଡର କପିଗୁଡ଼ିକ ଜବତ କରିଥିବା ପୋଲିସ ସୂଚନା ଦେଇଛି।ତେବେ ଉକ୍ତ ଅଭିଯୁକ୍ତ କୋଦଳା ଥାନା, ରମ୍ଭା ଥାନା ସମେତ ରାଜ୍ୟର ବିଭିନ୍ନ ଥାନା ଅଞ୍ଚଳର ଯୁବକମାନଙ୍କ ଠାରୁ କୋଟି କୋଟି ଟଙ୍କା ଠକିଥିବା ନେଇ ଅଭିଯୋଗକାରୀମାନେ କହିଛନ୍ତି। ତେବେ ଠକିଥିବା ସମସ୍ତ ଟଙ୍କା କେଉଁଠି ରଖିଛି, ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ପୋଲିସ ତଦନ୍ତ କରୁଛି।

# ଆଇପିଏଲ୍ ସୁଗାର ପକ୍ଷରୁ ଆଖୁ ଚାଷୀଙ୍କ ପାଇଁ ପ୍ରଶିକ୍ଷଣ ଓ କର୍ମଶାଳା




ଢେଙ୍କାନାଳ,୨୨।୧୧(ନି.ପ୍ର): ଢେଙ୍କାନାଳ ଆଇପିଏଲ୍ ସୁଗାର ପକ୍ଷରୁ ହରିପୁରଠାରେ ଆଖୁ ଚାଷର ଉନ୍ନତି ଓ ଚାଷୀଙ୍କ ଆର୍ଥିକ ସମୃଦ୍ଧି ଲକ୍ଷ୍ୟରେ ଏକ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରକଳ୍ପ ମୁଖ୍ୟ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ଢେଙ୍କାନାଳ ୟୁନିଟ୍ ମୁଖ୍ୟ ନାରାୟଣ ମାହାଣା, ଡିଆରସିଏସ୍ ଢେଙ୍କାନାଳ ଉମାଶଙ୍କର ଦାସ, ବରିଷ୍ଠ ବୈଜ୍ଞାନିକ ତଥା କେବିକେ ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି, ଆରଆରଟିଟିଏଏସ୍ ମୁଖ୍ୟ ଦିବ୍ୟ ରଞ୍ଜନ ମିଶ୍ର, ଢେଙ୍କାନାଳ ଏଡିଓ ଜ୍ଞାନେନ୍ଦ୍ର କୁମାର ଦଲେଇ, କାମାକ୍ଷାନଗର ଏଡିଓ ପ୍ରଦୀପ କୁମାର ବେଉରା, ଆଖୁ ବିଭାଗ ମୁଖ୍ୟ ରାଜକୁମାର ଚୌଧୁରୀ ଓ ଡକ୍ଟର ରାଜନୀ ସ. ସିଂହ ତଥା ସମବାୟ ସମିତି ସେକ୍ରେଟାରୀ, ସଭାପତି, ବ୍ୟାଙ୍କ ମ୍ୟାନେଜର ଓ ଆଖୁ ଚାଷୀ, କର୍ମଚାରୀ ମାନେ ଯୋଗଦେଇ ଆଖୁ ଚାଷର ବିଭିନ୍ନ ଦିଗ, ଆଧୁନିକ ଚାଷ ପ୍ରଣାଳୀ, ଉନ୍ନତ କୃଷି କୌଶଳ ଓ ଆଖୁ ଚାଷରୁ ମିଳୁଥିବା ଆର୍ଥିକ ଲାଭ ସମ୍ପର୍କରେ ଚାଷୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ସେହିପରି ଜିଲ୍ଲା ସମବାୟ ରେଜିଷ୍ଟ୍ରାର ଉମାଶଙ୍କର ଦାଶ ଚାଷୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ଋଣ ଯୋଜନା, ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ଉପସ୍ଥିତ ଚାଷୀମାନେ ଆଖୁ ଚାଷ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଉପସ୍ଥିତ ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟାର ସମାଧାନ ଓ ଆଖୁ ଚାଷର ପରିସର ବୃଦ୍ଧି ଦିଗରେ ଗୁରୁତ୍ୱାରୋପ କରିଥିଲେ। ଆଖୁ ଚାଷକୁ ଅଧିକ ଲାଭଜନକ କରିବା ସହ ଚାଷୀଙ୍କ ଆୟ ବୃଦ୍ଧି ଏବଂ ଚିନି ଶିଳ୍ପର ବିକାଶ ପାଇଁ ଏଭଳି ପ୍ରଶିକ୍ଷଣ ଓ କର୍ମଶାଳା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା।

# ଚିକିଟୀରେ ଜାତୀୟ ପୋଲିଓ ଅଭିଯାନ
## ୭୬୨୬ ଶିଶୁଙ୍କୁ ଟିକାଦାନ ଲକ୍ଷ୍ୟ



ଚିକିଟୀ,୨୨।୧୧(ନି.ପ୍ର): ଶିଶୁଙ୍କୁ ପୋଲିଓମୁକ୍ତ ରଖିବା ଲକ୍ଷ୍ୟରେ ଚିକିଟୀ ବ୍ଲକରେ ଆରମ୍ଭ ହୋଇଛି ଜାତୀୟ ପୋଲିଓ ଅଭିଯାନ । ଚଳିତ ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ୦ ରୁ ୫ ବର୍ଷ ବୟସର ମୋଟ ୭୬୨୬ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଆଜି ସ୍ଥାନୀୟ ଚିକିଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଚିକିଟୀ ତହସିଲଦାର ବିଶ୍ୱରଞ୍ଜନ କହଁର ଆନୁଷ୍ଠାନିକ ଭାବେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଉକ୍ତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମନୋଜ ପାଢ଼ୀ, ବିପିଏମ ରାମଚନ୍ଦ୍ର ସାହୁ, ପିଏଚଇଓ ବନ ବିହାରୀ ନାୟକ ଓ ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ସମଗ୍ର ବ୍ଲକରେ ୫୩ଟି ବୁଥ୍ ସ୍ଥାପନ କରାଯାଇଛି । ଏହାସହ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ ପାଇଁ ୨ଟି ମୋବାଇଲ୍ ଟିମ୍ ଏବଂ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଶିଶୁଙ୍କୁ ଟିକାଦାନ ପାଇଁ ଗୋଟିଏ ଟ୍ରାଞ୍ଜିଟ୍ ଟିମ୍ ନିୟୋଜିତ ହୋଇଛନ୍ତି।

ଅଭିଯାନର ପ୍ରଥମ ଦିବସ ରେ ବୁଥ୍‌ଗୁଡ଼ିକରେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ଦୁଇଦିନ ଧରି ଟିକାଦାନରୁ ବାଦ୍ ପଡ଼ିଥିବା ଶିଶୁଙ୍କୁ ଚିହ୍ନଟ କରି ମୋବାଇଲ୍ ଟିମ୍ ଘରକୁ ଘର ଯାଇ ପୋଲିଓ ବୁନ୍ଦା ପ୍ରଦାନ କରିବେ। ଅଭିଯାନକୁ ସଫଳ କରିବା ସହ କୌଣସି ଶିଶୁ ଯେପରି ପୋଲିଓ ବୁନ୍ଦାରୁ ବଞ୍ଚିତ ନ ହୁଏ, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

# ରୋଟାରୀ କ୍ଲବକୁ ଷଷ୍ଠ ସ୍ଥାନ, ଭଞ୍ଜନଗର ପାଇଁ ଗୌରବ



ଭଞ୍ଜନଗର,୨୨।୧୧(ନି.ପ୍ର):ଗଞ୍ଜାମ ଜଲ୍ଲା ଭଞ୍ଜନଗର ରୋଟାରୀ କ୍ଲବ ୨୦୨୫-୨୬ ଆର୍ଥିକ ବର୍ଷରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି। ରୋଟାରୀ ଜିଲା ୩୨୬୨ର ଶ୍ରେଷ୍ଠ କ୍ଲବ ତାଲିକାରେ ଷଷ୍ଠ ସ୍ଥାନ ଅଧିକାର କରି ଗୌରବ ହାସଲ କରିଥିବା ଭଞ୍ଜନଗର ରୋଟାରୀ କ୍ଲବ ପକ୍ଷରୁ ରବିବାର ଭଞ୍ଜନଗର ଶିରିଡ଼ି ସାଇ ମନ୍ଦିରରେ ଏକ ଉତ୍ସବ ହୋଇଥିଲା। ଏହି ଉତ୍ସବରେ କ୍ଲବର ସଦସ୍ୟମାନେ ଏକତ୍ରିତ ହୋଇ ସଫଳତାର ଆନନ୍ଦ ବାଣ୍ଟିବା ସହ ଭବିଷ୍ୟତରେ ସମାଜସେବା କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ନେଇ ଆଲୋଚନା କରିଥିଲେ। କ୍ଲବ ସଭାପତି କେ. ସଞ୍ଜୀବ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସଭାପତି ଶ୍ରୀରାମ ପ୍ରସାଦ ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୨୦୨୫-୨୬ ବର୍ଷର ସଭାପତି ରଞ୍ଜିତ ବାରିକ ଏବଂ କ୍ଲବର ପ୍ରାକ୍ତନ ସମ୍ପାଦକ ଏସ. ଗୁପ୍ତେଶ୍ୱର ସୁବୁଦ୍ଧି ଯୋଗଦେଇ ସମସ୍ତଙ୍କ ସହଯୋଗରେ କ୍ଲବକୁ ଏହି ସଫଳତା ମିଳିଛି ବୋଲି କହିଥିଲେ। ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାକୁ ଆଗାମୀ ସଭାପତି ରାମଚନ୍ଦ୍ର ମିଶ୍ର ସଂଯୋଜନା କରିଥିବା ବେଳେ ପୂର୍ବତନ ସଭାପତି ବସନ୍ତ କୁମାର ପାତ୍ର, ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ପାଣିଗ୍ରାହୀ ଓ ସୁଧୀର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ ଆରମ୍ଭ

ତାଳଚେର,୨୨।୧୧(ନି.ପ୍ର):ପବିତ୍ର କାର୍ତ୍ତିକ ପଞ୍ଚୁକ ପାଳନ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀମା' ହିଙ୍ଗୁଳାଙ୍କ ଗୋପାଳ ପ୍ରସାଦ ପୀଠ ପରିସରରେ ପାଞ୍ଚଦିନ ବ୍ୟାପୀ ୪୧ତମ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଆରମ୍ଭ ହୋଇ ଯାଇଛି। ଗୁରୁବାର ଦିନ ୪୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ନିକଟସ୍ଥ ସିଙ୍ଗଡ଼ା ନଦୀରୁ ପବିତ୍ର ଜଳ କଳସକୁ ଏକ ଭବ୍ୟ ଶୋଭାଯାତ୍ରାରେ ଆଣି ମାହିଙ୍ଗୁଳାଙ୍କ ପୀଠ ପରିସରରେ ଥିବା ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରହିତ୍ୟରେ ମାର୍କଣ୍ଡ ଚନ୍ଦ୍ର ଦାଶ, ବନବିହାରୀ ଦାଶ, ସୁବାସ ଚନ୍ଦ୍ର ନନ୍ଦ, ପବିତ୍ର ମୋହନ ନାଥ, ସୁରେଶ ଚନ୍ଦ୍ର 

## ବିଶ୍ୱ ଟେଲିଭିଜନ ଦିବସ ପାଳିତ

କେନ୍ଦ୍ରାପଡ଼ା,୨୨।୧୧(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ବିଶ୍ୱ ଟେଲିଭିଜନ ଦିବସ ଯଥାବିଧି ପାଳିତ ହୋଇଯାଇଛି। ବିଶିଷ୍ଟ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ନୃତ୍ୟ ଗୁରୁ ପ୍ରକାନ୍ତ କୁମାର ମହାରଣା ମୁଖ୍ୟ ଅତିଥି ଏବଂ ରେଡିଓ ଭାବଗ୍ରାହୀର କେନ୍ଦ୍ର ନିର୍ଦ୍ଦେଶକ ଇଂଜିନିୟର ବିଶ୍ୱଜିତ ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶ୍ୱ ଟେଲିଭିଜନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ହେନାଞ୍ଜଳି ଜେନା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା ଏହାର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ୧୯୯୬ ମସିହା ନଭେମ୍ବର ୨୧ ତାରିଖରେ ମିଳିତ ଜାତିସଂଘର ଅନୁମୋଦନ କ୍ରମେ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ସୂଚନା, ଶିକ୍ଷା ଏବଂ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ଭାବରେ ବାସ୍ତବରେ ଏହି ଟେଲିଭିଜନର ତୁଳନା ନାହିଁ। ଝଡ଼, ବାତ୍ୟା, ବନ୍ୟା ଓ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ଆଗୁଆ ସତର୍କ ସୂଚନା ଦେଇ ବହୁ ଧନ ଜୀବନକୁ ସୁରକ୍ଷା ପ୍ରଦାନ କରିଆସୁଛି। ଏହି ଅବସରରେ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଭିକାରୀ ବଳ, ଲୋକକବି ଭାବଗ୍ରାହୀ ପରିଡ଼ା ଏବଂ କବି ପତ୍ନୀ ସରୋଜିନୀ ପରିଡ଼ାଙ୍କ ପ୍ରତିମୂର୍ତ୍ତି ସମେତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋ



ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଙ୍କିତା ପରିଡ଼ା, ଅର୍ପିତା ସାହୁ, ଅଭିଲିପ୍ସା ସାହୁ, ଅଙ୍କିତା ସାହୁ, ପ୍ରୀତି ପ୍ରଜ୍ଞା ବିଶ୍ୱାଳ, ଲିଜାରାଣୀ ପ୍ରଧାନ, ପ୍ରତୀକ୍ଷା ନାୟକ, ଗୌରବ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ଭାବଗ୍ରାହୀ କଳା ନିକେତନ, ରେଡିଓ ଭାବଗ୍ରାହୀ ଏବଂ ମନ୍ଥାର ଅର୍କେଷ୍ଟ୍ରାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସମାଜସେବୀ ସଞ୍ଜୟ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ନାଟ୍ୟୋତ୍ସବ
## ଚହଳ ପକେଇଲା ବାରିପଦାର ନାଟକ 'ପରେ କହିବି'

ବାରିପଦା/ଖୁଣ୍ଟା,୨୨।୧୧(ନି.ପ୍ର): ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୟାଗଡସ୍ଥିତ ପଠାଣି ସାମନ୍ତ ସଂସ୍କୃତି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟୋତ୍ସବରେ ଆମେ, ବାରିପଦାର ବହୁଚର୍ଚ୍ଚିତ ନାଟକ ପରେ କହିବି ଅତ୍ୟନ୍ତ ସଫଳତାର ସହ ମଞ୍ଚସ୍ଥ ହୋଇ ମହୋତ୍ସବରେ ଚହଳ ପକେଇଛି। ପ୍ରାରମ୍ଭରେ ଏହି ନାଟକର ସୁନାମଧନ୍ୟ ଅଭିଜ୍ଞ ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଟି କଳାକାର ମାନଙ୍କର ଚମତ୍କାର ଅଭିନୟ, ବଳିଷ୍ଠ ନିର୍ଦ୍ଦେଶନା, ଉଚ୍ଚକୋଟୀର ନାଟ୍ୟ ରଚନା, ଶ୍ରୁତିମଧୁର ସଙ୍ଗୀତ ସାଙ୍ଗକୁ ସ୍ୱଳ୍প ଖର୍ଚ୍ଚରେ ନିର୍ମିତ ସୁନ୍ଦର ମଞ୍ଚଶିଳ୍ପ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରି ବିମୋହିତ କରିପକାଇଥିଲା ।



ବିଭିନ୍ନ ଚରିତ୍ରରେ ସାବଳୀଳ ଅଭିନୟ କରିଥିଲେ ସର୍ବଶ୍ରୀ ପ୍ରଦୀପ ମହାନ୍ତି, ଚିନ୍ମୟ ଦାସ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ, ଅଶୋକ ପଟ୍ଟନାୟକ, ଶାନ୍ତନୁ ପାତ୍ରୀ, ଅରୁଣ ପାତ୍ର, ଜୟନ୍ତ ସେନାପତି, ସର୍ବତୋଷ ଦାଶ, ଶିଶିର ଲେଙ୍କା, କାମିନୀକାନ୍ତ ମାଲାକାର, ରାଜୀବ ପାତ୍ର ଓ ସୁଶ୍ରୀ ଲତାଶା ଖୁରାନା । ସଙ୍ଗୀତ ନିର୍ଦ୍ଦେଶନା ଦୁର୍ଗା ପାତ୍ର ଦେଇଥିବା ବେଳେ ମଞ୍ଚଶିଳ୍ପ ଦାୟିତ୍ୱରେ ଥିଲେ ନରସିଂହ ବାରିକ । ବିଭିନ୍ନ ବିଭାଗରେ ସହଯୋଗୀ ଭାବେ ନିଜର ପାରଦର୍ଶିତା ଦେଖାଇଥିଲେ ଅଙ୍କୁର ଖୁରାନା, ସୁଧିର ମହାନ୍ତି, ପ୍ରଦୀପ ସରଘରିଆ, ବିଶ୍ୱଜିତ ପରିଡା, କିରନ ଖୁରାନା ଓ ରାଜୀବ ପାତ୍ର । ବିଶେଷ କରି ମିଠି ଚରିତ୍ରରେ ଚମତ୍କାର ଅଭିନୟ କରିଥିବା ଲତାଶା ସମସ୍ତ ଦର୍ଶକଙ୍କ ହୃଦୟକୁ ଜିଣି ପାରିଥିଲେ ।

## ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ରାଇରଙ୍ଗପୁର,୨୨।୧୧(ନି.ପ୍ର): ଭାରତ ସରକାରଙ୍କ ମିଶନ ସ୍ପନ୍ଦନ ଅଧୀନସ୍ଥ ନିଶାମୁକ୍ତ ଭାରତ ଅଭିଯାନ କ୍ରମରେ ରାଇରଙ୍ଗପୁର ଠାରେ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ନିଶା ନିବାରଣ ଓ ନିଶାମୁକ୍ତ ସମାଜ ଗଠନ ଉଦ୍ଦେଶ୍ୟରେ ଏକ ସଚେତନତା ରଥକୁ ରାଇରଙ୍ଗପୁର ଉପଜିଲ୍ଲାପାଳ ଉତ୍ତ୍ରେସନ ଓରାମ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଭ୍ରାମ୍ୟମାଣ ସଚେତନତା ରଥ ଉପଖଣ୍ଡର ବିଭିନ୍ନ ବ୍ଲକକୁ ପରିକ୍ରମାରେ ଯାଇ ଜନସାଧାରଣଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ, ଏହାର ଶାରୀରିକ, ମାନସିକ ଓ ସାମାଜିକ ପ୍ରଭାବ ସମ୍ପର୍କରେ ଚୁଝାଇବା ସହ ନିଶାଠାରୁ ଦୂରେଇ ରହି ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଯାପନ କରିବାକୁ ପରାମର୍ଶ ଦେଇ ସଚେତନତା ବାର୍ତ୍ତା ପହଞ୍ଚାଇବା। ଏହି ଅବସରରେ ରାଇରଙ୍ଗପୁର ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଏମ ଶ୍ରୀ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନଙ୍କୁ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରାଯିବା ସହ ନିଶାମୁକ୍ତ ଜୀବନଶୈଳୀ ଆପଣାଇବା, ନିଜ ପରିବାର ଓ ସମାଜର ସୁସ୍ଥତା ପାଇଁ ସଚେତନ ରହିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ନିଶାମୁକ୍ତ ଭାରତ ଗଠନ ଦିଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା, ଆତ୍ମସଂଯମ ଓ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଥିବା ବିଷୟରେ ଆଲୋକପାତ କରାଯାଇଥିଲାଛଏହି ଅବସରରେ ଶପଥ ପାଠ ଜରିଆରେ ନିଶାକୁ ପରିହାର କରିବା ପାଇଁ ସଂକଳ୍ପ ନେଇଥିଲେ ଏବଂ ନିଶା ବା ମାଦକ ଦ୍ରବ୍ୟରେ ଅଭ୍ୟସ୍ତ ବ୍ୟକ୍ତି ଏଥିରୁ ମୁକ୍ତି ପାଇଁ ପ୍ରଜାପତି ବ୍ରହ୍ମ କୁମାରୀ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ରାଜଯୋଗ ଶିକ୍ଷାକୁ ଆପଣେଇ। ପାଇଁ ପରାମର୍ଶ ଦିଆଯାଇଥିଲା।



## ତ୍ରିଧାରା ନାଟ୍ୟ ଉତ୍ସବ ଉଦ୍‌ଘାଟିତ: ମଞ୍ଚସ୍ଥ ହେଲା 'ପାପ ପୁଣ୍ୟ'

ବାରିପଦା/ଖୁଣ୍ଟା,୨୨।୧୧(ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ତ୍ରିଧାରା ନାଟ୍ୟ ଉତ୍ସବ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ଏହି ଉତ୍ସବର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ବରିଷ୍ଠ ସାମ୍ବାଦିକ ଡ଼. ବିଜୟ କୁମାର ଅଗ୍ରୱାଲ, ପ୍ର.ଡ଼. ଏମ ହିମାବିନ୍ଦୁ, ସିନେ ପ୍ରଯୋଜକ ଉମେଶ ପଟ୍ଟନାୟକ, ଅଭିନେତା ଓ ନିର୍ଦ୍ଦେଶକ ଡ଼. କୁମାରମଣି ନାୟକ ଏବଂ ଅନ୍ନଦା ଶଙ୍କର ଦାଶ ଓ



ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ସନ୍ଧ୍ୟାରେ ଉଜ୍ଜୟିନୀ ନାଟ୍ୟଶାଳା ପ୍ରଯୋଜିତ ତଥା ମହେଶ ସାହୁ (ତପୁ ବାବା)ଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ସତ୍ୟ ନାରାୟଣ ଦାସ, ଅନୁରାଧା ପଟ୍ଟନାୟକ, ପ୍ରସନ୍ନ କୁମାର ମହାନ୍ତି, ଅଭିଜିତ ପଣ୍ଡା, ଲିପିକା ରଣା, ଅଶୋକ ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ପ୍ରମୋଦ ସାହୁ, ଲୁଇ ଦେବସ୍ମିତା, ଶ୍ରଦ୍ଧାକ୍ଷୀନି ବେହୁରିଆ, ରବୀନ୍ଦ୍ର ସିଂ, ଜ୍ୟୋତିଜୀ, ହିମାଂଶୁ ଅଭିନୟ କରିଥିବାବେଳେ ସହ ନିର୍ଦ୍ଦେଶନାରେ ସଂଗୀତରେ ସୁଧାନ୍ୟା ନାୟକ ଓ କଷ୍ଟଦାନରେ ଧର୍ମଜିତ ସହଯୋଗ କରିଥିଲେ । ଗୁହିରାମ ଜେନା ଓ ରଞ୍ଜିତ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ସୋମବାର ବାସ୍ତବ ପ୍ରଯୋଜିତ ତଥା ରଣଜିତ ପଟ୍ଟନାୟକଙ୍କ ରଚିତ ଓ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶିତ ନାଟକ ତିତିଲି ମଞ୍ଚସ୍ଥ ହେବ ।

## ଆଖି ବୁଜିଲେ ବିଧବା
# ସ୍ୱାମୀଙ୍କ ମୃତ୍ୟୁର ୨ ବର୍ଷ ପରେ ବି ମିଳିଲାନି କ୍ଷତିପୂରଣ

ଧାମନଗର,୨୨।୧୧(ନି.ପ୍ର): ବଞ୍ଚିଥିବା ବେଳେ ମିଳିଲାନି ସହାୟତା ମାତ୍ର ସ୍ୱାମୀଙ୍କ ମୃତ୍ୟୁ ପରେ ପ୍ରଶାସନର କ୍ଷତିପୂରଣର ପ୍ରତିଶ୍ରୁତି । ସରକାରୀ ସହାୟତାକୁ ଚାହିଁ ଚାହିଁ ଦୁଇ ବର୍ଷ କାଟିଦେଲେ ରେବତୀ ପାତ୍ର। ଆର୍ଥିକ ଅନାଟନ ଓ ଅସହାୟତା ମଧ୍ୟରେ ଶେଷରେ ସେ ମଧ୍ୟ ଆଖି ବୁଜିଦେଲେ। ଗୋଟିଏ ପରିବାରର ଦୁଇଟି ଜୀବନ ଚାଲିଗଲା, ହେଲେ ସରକାରୀ ସହାୟତା ପହଞ୍ଚିଲା ନାହିଁ । ଏହା କେବଳ ଏକ ଦୁଃଖଦ ଘଟଣା ନୁହେଁ, ବରଂ ବିପଦ ସମୟରେ ସରକାରୀ ସହାୟତା ବ୍ୟବସ୍ଥାର ବାସ୍ତବତାକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ୨୦୨୪ ଅକ୍ଟୋବର ୧୪ ତାରିଖରେ ପଧାନୀ ପଞ୍ଚାୟତ ସଇଲୋ ଗ୍ରାମର ପ୍ରଫୁଲ୍ଲ ପାତ୍ର ସ୍କୁଲ ନିକଟସ୍ଥ ଏକ ଗଡ଼ିଆକୁ ଶୌଚ ହେବାକୁ ଯାଇଥିବା ସମୟରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ପରିବାରକୁ



ସରକାରୀ କ୍ଷତିପୂରଣ ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଦେବାକୁ ପ୍ରାଶାସନିକ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଦୀର୍ଘ ଦୁଇ ବର୍ଷ ବିତି ଯାଇଥିଲେ ଥିଲେ ମଧ୍ୟ ପରିବାରକୁ ଟଙ୍କାଟିଏ ସହାୟତା ମିଳିଲାନି। ସ୍ୱାମୀଙ୍କ ମୃତ୍ୟୁ ପରେ ରୋଜଗାରର ଏକମାତ୍ର ଆଶ୍ରୟ ହରାଇ ରେବତୀ ପାତ୍ର ଦୁର୍ଦ୍ଦିନରେ ଜୀବନ ବିତାଉଥିଲେ। ଆର୍ଥିକ ସଙ୍କଟ ମଧ୍ୟରେ ସରକାରୀ ସହାୟତା ତାଙ୍କ ପାଇଁ ଥିଲା ଏକମାତ୍ର ଆଶା ଓ ଭରସା। ହେଲେ ସେହି ଆଶା ପୂରଣ ହେବା ପୂର୍ବରୁ ଗତ ୧୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଲା। ଜୀବନର ଶେଷ ପର୍ଯ୍ୟନ୍ତ ସେ ଭରସିଥିବା ସରକାରୀ ସହାୟତା ପାଇପାରିଲେ ନାହିଁ। ସରକାରଙ୍କ ପକ୍ଷରୁ ଦୁର୍ଘଟଣା ଜନିତ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଦେବାର ବ୍ୟବସ୍ଥା ରହିଛି। ଏଥି ସହିତ ବ୍ଲକ ତରଫରୁ ରେଡକ୍ରସ ସହାୟତା ଅଛି। ତେବେ ପ୍ରଫୁଲ୍ଲଙ୍କ ପରିବାର କେଉଁ କାରଣରୁ ଏହି ସହାୟତାରୁ ବଞ୍ଚିତ ହେଲେ? ଦୁଇ ବର୍ଷ ଧରି ଆବେଦନ ଓ ପ୍ରତିଶ୍ରୁତି ସତ୍ତ୍ୱେ କାହିଁକି ସହାୟତା ମିଳିଲା ନାହିଁ ? ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଜଣେ ମୃତକଙ୍କ ପରିବାରକୁ ସମୟୋଚିତ ସହାୟତା ଦେବାରେ ଏତେ ବିଳମ୍ବ ଓ ଅବହେଳା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

## ଚାଷୀଙ୍କୁ ଦୁଃଖ ଦେଇଗଲା ଅକଓ୍ୱାନ



ଯାଜପୁର,୨୨।୧୧(ନି.ପ୍ର): ଏଲନିନୋ ପ୍ରଭାବରେ ସମଗ୍ର ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଗତ ଦୁଇ ମାସ ମଧ୍ୟରେ ବନ୍ୟା ଓ ତିନି ତିନିଟି ବାତ୍ୟା ଅର୍ଣ୍ଣବ, ମୁରାସୁ ଓ ସଦ୍ୟ ହୋଇଥିବା ଅକଓ୍ୱାନ୍ ଫଳରେ ଯାଜପୁର ବ୍ଲକର ବହୁତ କ୍ଷତି ହୋଇଛି । ଗତ ୪୮ ଘଣ୍ଟାରେ ଯାଜପୁର ବ୍ଲକର ସବୁ ପଞ୍ଚାୟତରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହେବା ସହ ଅମଳ ପୂର୍ବରୁ ଉଜାଡ଼ିଲା ଫସଲ । ଆଉ କେଇଟା ଦିନ ପରେ ଧାନ କାଟି ଅମଳ କରି ପରିବାରର ବର୍ଷକ ପାଇଁ ଖାଦ୍ୟ ସଂଗ୍ରହ କରିଥାନ୍ତି ଚାଷୀ । ବ୍ଲକର ପ୍ରତ୍ୟେକ ଅଞ୍ଚଳରେ ପାଚି ଆସିଥିବା ଧାନ ଗଛ କ୍ଷେତରେ ଜମିରହିଥିବା ବର୍ଷା ପାଣିରେ ସୋଇ ରହିଛି। ସେଗୁଡିକ ଗଜା ହୋଇ ଯାହାଦ୍ୱାରା ଧାନ ଫସଲ ସମ୍ପୂର୍ଣ ନଷ୍ଟ ହୋଇଛି । ଧାନ ବ୍ୟତୀତ ବିରି, କୋଳଥ ପନିପରିବା ଆଦି ଗଛ ଗୁଡ଼ିକ ଅଦିନିଆ ବର୍ଷା ପାଣିରେ ବୁଡ଼ି ପଚି ନଷ୍ଟ ହୋଇଛି। ବାଦାମ ଯାଜପୁର ବ୍ଲକ୍ ଅଞ୍ଚଳରେ ପ୍ରମୁଖ ଲାଭଦାୟକ ଚାଷ ଭାବେ ଗଣାଯାଏ। ଚଳିତ ବର୍ଷ କିଛି ଚାଷୀ ବାଦାମ ବିହନ ବିଲରେ ପକାଇ ଗଛ କରାଇଥିଲେ। ବର୍ଷା ପାଣିରେ ତାହାସବୁ ନଷ୍ଟ ହୋଇଛି। କିଛି ଚାଷୀ ବାଦାମ ବିଲ ଚାଷ ଉପଯୋଗୀ କରି ବିହନ ଗଜା କରି ଘରେ ରଖିଛି ହେଲେ ବାଦାମ ବିଲରେ ଆଣ୍ଠୁଏ ପାଣି ଥିବାରୁ ପକାଇ ପାରିନାହାନ୍ତି। ଦୀର୍ଘଦିନର ପରିଶ୍ରମ ଓ ଧାର କରଜ କରି କ୍ଷେତରେ ବିନିଯୋଗ ପରେ ଅମଳ ସମୟରେ ପ୍ରକୃତିର ଏଭଳି ଦାଉ ଚାଷୀଙ୍କୁ ଚିନ୍ତାରେ ପକାଇଛି । ବାତ୍ୟା ଜନିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଧାନ, ବିରି, କୋଳଥ, ବାଦାମ ଓ ପନିପରିବାର ସ୍ଥିତି ଆକଳନ କରି କୃଷକମାନଙ୍କ କୃଷି ଋଣ ଛାଡ କରିବାସହ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ କୃଷକ ମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଜଗଦ୍ଧାତ୍ରୀ ମେଳାରେ ପୁରସ୍କୃତ ହେବେ ୫୦ ଛାତ୍ରଛାତ୍ରୀ

ବାରିପଦା/ଖୁଣ୍ଟା,୨୨।୧୧(ନି.ପ୍ର): ମୟୁରଭଞ୍ଜ ବାରିପଦା ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା – ୨୦୨୬ ଅବସରରେ ନର୍ସରୀ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ଗୀତ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ କୁମାର୍ସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିକୂଳ ପାଗ ସତ୍ତ୍ୱେ ଏହି ପ୍ରତିଯୋଗିତା



ମାନଙ୍କରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ସାଂସ୍କୃତିକ ମଞ୍ଚରେ ଅତିଥିଙ୍କ ହାତରେ ପୁରସ୍କୃତ କରାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି । ବିଚାରକ ଭାବେ ସନ୍ତୋଷ କୁମାର ମହାନ୍ତି, ଭାଗବତ ପଣ୍ଡା, ଡ଼. ସରୋଜ କୁମାର କୁମାର ନାୟକ, ଅମିତାଭ ମିଶ୍ର, ସୌମ୍ୟ ଦାଶ, ଶାନ୍ତନୁ ସିଂହ, କଳ୍ପନା ମହାନ୍ତି, ସଞ୍ଜୟ କୁମାର ମହାପାତ୍ର, ରବୀନ କୁମାର ମହାପାତ୍ର ଓ ମହେଶ୍ୱର ମାର୍ଣ୍ଡି କୃତୀ ପ୍ରତିଯୋଗୀ ମାନଙ୍କୁ ଚୟନ କରିଥିଲେ । ସୋମନାଥ ସିଂହଙ୍କ ମାର୍ଗଦର୍ଶନରେ ଆଲୋକ ବାରିକ ସମସ୍ତ ପ୍ରତିଯୋଗୀତା ପରିଚାଳନା କରିଥିବା ବେଳେ ଆନିଷ ମିଶ୍ର ଓ ସୁରଜ ବେହେରା ସହଯୋଗ କରିଥିଲେ ।

## ଯୋଗ୍ୟ ଲୋକଙ୍କ ନାମ ଆବାସ ଯୋଜନାରୁ ବାଦନେଇ ଅସନ୍ତୋଷ

ଦଶରଥପୁର,୨୨।୧୧(ନି.ପ୍ର): ପ୍ରତି ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗେଇ ଦେବା ପାଇଁ ଜିଲ୍ଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ଏକ ତାଲିକା ପ୍ରକାଶ ପାଇଛି । ମାତ୍ର ସେହି ତାଲିକା ମଧ୍ୟ ପୁରା ଫାଇନାଲ ନୁହେଁ ବୋଲି ଜଣା ପଡିଛି । ଏହାକୁ ନେଇ ଏବେ ପ୍ରତି ପଞ୍ଚାୟତରେ ତିବ୍ର ଅସନ୍ତୋଷ ଦେଖା ଦେଇଛି । ପ୍ରତି ପଞ୍ଚାୟତରେ ବହୁ ଯୋଗ୍ୟ ଲୋକଙ୍କ ନାମ ତାଲିକାରେ ନଥିବା ବେଳେ ବହୁ ଅଯୋଗ୍ୟଙ୍କ ନାମ ତାଲିକାରେ ସାମିଲ କରାଯାଇଛି । ସେହିପରି ପୂର୍ବରୁ ଯେଉଁ ଲୋକେ ଘର ପାଇ ସାରିଛନ୍ତି ସେଭଳି ଲୋକ ମାନଙ୍କ ନାମ ପୁନର୍ବାର ତାଲିକାରେ ସାମିଲ କରାଯାଇଛି । ସେହିପରି ଅନ୍ତ୍ୟୋଦୟ ଗୃହ ଯୋଜନାରେ ପାତର ଅନ୍ତର ହେଉଥିବା ଅଭିଯୋଗ ହୋଇଛି ।



ଏସମ୍ପର୍କରେ ଯାଜପୁର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଦଶରଥପୁର ବିଡ଼ିଓଙ୍କ ନିକଟରେ ଯୋଗ୍ୟ ହିତାଧିକାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି ମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ ନକରିବାକୁ ନେଇ ସାରା ବ୍ଲକରେ ଏଥିନେଇ ଅସନ୍ତୋଷ ତେଜିବାରେ ଲାଗିଛି । ଏହାକୁ ନେଇ ଅଳ୍ପ ଦିନ ପୂର୍ବେ ବ୍ଲକର ପାଲଟପୁର ପଞ୍ଚାୟତର ସରପଞ୍ଚ ଲିପିକା ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଲୋକେ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ସେହିପରି ଥାଲକୁଡ଼ି ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଗୀତାଞ୍ଜଳି ସେଠୀଙ୍କ ଆହ୍ୱାନ କ୍ରମେ ମଙ୍ଗଳପୁର ସ୍ଥିତ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସରପଞ୍ଚଙ୍କ ସମେତ ପଞ୍ଚାୟତର ପିଇଓ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା ମାନେ ଯୋଗ ଦେଇ ଥିଲେ। ସ୍ୱଚ୍ଛଳ ବର୍ଗର ଲୋକଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଯୋଗ କରିବାକୁ ନେଇ ବୈଠକରେ

# ୮ ପଞ୍ଚାୟତରେ ୫୮୮ ଜଣଙ୍କୁ ପେନସନ, ରାସନ କାର୍ଡ ପାଇଁ ହିତାଧିକାରୀ ଖୁସି



ଫୁଲନଖରା,୨୨।୧୧(ନି.ପ୍ର): ବାରଙ୍ଗ ପଞ୍ଚାୟତ ସମିତି ଅନ୍ତର୍ଗତ ୩୩ ନମ୍ବର ଜୋନ୍ ସ୍ତରୀୟ ମଧୁବାବୁ ପେନସନ ଯୋଜନାର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସହିତ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଉଷୁମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବରିଷ୍ଠ ସଂଗଠକ ଯତୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରଙ୍ଗ ବ୍ଲକ୍ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ, ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ଉଷୁମା ସରପଞ୍ଚ ମୀନତି ସାହୁ ଏବଂ ବରିଷ୍ଠ ନେତା ରାଜକୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ନଗରୀ, ଉଷୁମା, କୋରକରା, ଖଲର୍ଦା, ହରିଅନ୍ତା, କୁରାଙ୍ଗ ଶାସନ, କୁରାଙ୍ଗ ପ୍ରଧାନ ଓ ସାଇଁସୋ ଗ୍ରାମ ପଞ୍ଚାୟତର ୫୮୮ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। ଏଥି ସହିତ ୧୦୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ପରିବାରଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଲୋକଙ୍କ ସୁବିଧା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ୮ଟି ପଞ୍ଚାୟତ ପାଇଁ ପୃଥକ୍ ପୃଥକ୍ ୮ଟି କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ଫଳରେ ହିତାଧିକାରୀମାନେ ନିଜ ନିଜ ପଞ୍ଚାୟତ ଅନୁସାରେ ସୁବିଧାରେ ଭତ୍ତା ଓ ରାସନ କାର୍ଡ ଗ୍ରହଣ କରିପାରିଥିଲେ। ଦୀର୍ଘ ବର୍ଷ ଧରି ଭତ୍ତା ଓ ରାସନ କାର୍ଡ ପାଇବା ଅପେକ୍ଷାରେ ରହିଥିବା ଅନେକ ହିତାଧିକାରୀ ଏହି ସୁବିଧା ପାଇ ଖୁସିବ୍ୟକ୍ତ କରିଥିଲେ। ସରକାରଙ୍କ ଏଭଳି ଜନହିତକର ପଦକ୍ଷେପ ଯୋଗୁଁ ସେମାନଙ୍କୁ ସାମାଜିକ ଓ ଆର୍ଥିକ ସହାୟତା ମିଳିପାରିଥିବାରୁ ହିତାଧିକାରୀମାନେ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ବିଶେଷକରି ବୟସ୍କ, ଅସହାୟ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ନିୟମିତ ପେନସନ ଏକ ବଡ଼ ଆଶ୍ୱାସନ। ହୋଇଥିବାବେଳେ ରାସନ କାର୍ଡ ମାଧ୍ୟମରେ ଖାଦ୍ୟ ସୁରକ୍ଷାର ସୁଯୋଗ ମିଳିବା ସେମାନଙ୍କ ଜୀବନଧାରଣରେ ସହାୟକ ହେବ। କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତାରାଣୀ ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ସହକାରୀ ଯନ୍ତ୍ରୀ ଜୟଶ୍ରୀ ରାଉତ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାତ୍ର, ଦେବସ୍ମିତା ଲେଙ୍କା, ବୁଦ୍ଧଦେବ ଜେନାଙ୍କ ସମେତ ବ୍ଲକ୍ର ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# କ୍ଷୟକ୍ଷତି ଆକଳନ କରି ସମ୍ପୂର୍ଣ୍ଣ କୃଷି ଋଣ ଛାଡ ପାଇଁ ବିଜେଡିର ଦାବି




କୁଜଙ୍ଗ,୨୨।୧୧(ନି.ପ୍ର):ବାତ୍ୟା ଅକଓ୍ୱାନର ପ୍ରଭାବଯୋଗୁଁ ଲଗାଣ ବର୍ଷା। ପବନରେ ଉଜୁଡ଼ି ଯାଇଥିବା ଅଧାପାଚିଲା ଧାନକ୍ଷେତକୁ ଦେଖି ଚାଷୀମାନେ ଦୁଃଖରେ ଭାଙ୍ଗି ପଡିବା ସହ ଧାର କରଜ ଶୁଝିବାକୁ ନେଇ ଚିନ୍ତାରେ ପଡିଛନ୍ତି। ତେଣୁ ସରକାର ସମ୍ପୂର୍ଣ୍ଣ କୃଷି ଋଣ ଛାଡ କରିବାକୁ ବିଜେଡି ପକ୍ଷରୁ ଦାବୀ କରା ଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ସମୀକ୍ଷା କରିବାକୁ ବିଜେଡିର ବରିଷ୍ଠ ନେତୃମଣ୍ଡଳୀଙ୍କୁ ବିଭିନ୍ନ ଜିଲ୍ଲାପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଥିଲେ। ସେହି ମର୍ମରେ ଜଗତସିଂହପୁର ଜିଲ୍ଲା ପାଇଁ ବିଜେଡିର ବରିଷ୍ଠ ନେତା ଡଃ ଅରୁଣ କୁମାର ସାହୁ ମନୋନୀତ ହୋଇଥିବା ବେଳେ, ଜିଲ୍ଲା ନେତୃତ୍ୱଙ୍କ ସହ ଜିଲ୍ଲାପାଳ ଜେ.ସୋନାଲଙ୍କୁ ସାକ୍ଷାତ କରି ଫସଲ କ୍ଷୟକ୍ଷତିର ଆକଳନ କରି ଚାଷୀ ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାସହ ସମ୍ପୂର୍ଣ୍ଣ କୃଷି ଋଣ ଛାଡ ପାଇଁ ଦାବି କରିଥିଲେ। ଏହି ସାକ୍ଷାତ ଆଲୋଚନାରେ ପ୍ରାକ୍ତନ ସାସଂଦ ଡଃ ରାଜଶ୍ରୀ ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲି, ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବିଜେଡି ନେତା ଚିରଞ୍ଜିବୀ ବିଶ୍ୱାଳ, ଶ୍ରମିକନେତା ଅରିନ୍ଦମ ସର୍ଖେଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣି ସାହୁ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ ବେହେରା,ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାଙ୍କ ସମେତ ସମସ୍ତ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ପବ୍ଲିକ୍ ସ୍କୁଲର ରୌପ୍ୟଜୟନ୍ତୀ, ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା




ସାଲେପୁର,୨୨।୧୧(ନି.ପ୍ର):ସାଲେପୁର ପବ୍ଲିକ୍ ସ୍କୁଲର ରୌପ୍ୟଜୟନ୍ତୀ ଉତ୍ସବ ଆଜି ସାଲେପୁର ହାଇସ୍କୁଲ ପଡ଼ିଆଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଦୀର୍ଘ ୨୫ବର୍ଷ ହେଲା ସି.ବି.ଏସ୍.ଇ. କୋର୍ସ ମାଧ୍ୟମରେ ପାଠ ପଢ଼ାଇ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚକୋଟୀର ଶିକ୍ଷା ପ୍ରଦାନ କରିଆସୁଛି ସାଲେପୁର ପବ୍ଲିକ୍ ସ୍କୁଲ। ଉଚ୍ଚକୋଟୀର ଶିକ୍ଷା ପାଇଁ ସାଲେପୁର ପବ୍ଲିକ୍ ସ୍କୁଲ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ସ୍କୁଲର ଅଧ୍ୟକ୍ଷା ,ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୁଁ ସାଧୁବାଦ ଜଣାଉଛି। ମୁଖ୍ୟବକ୍ତା ଭାବରେ ଓଡ଼ିଶା ସଂସ୍କୃତି ଗବେଷଣା ତଥା ଶିକ୍ଷାବିତ୍ ଡଃ ଅଜୟ ମିଶ୍ର, ସମ୍ମାନିତ ଅତିଥି ରୂପେ ସି.ଏସ୍.ଆଇ.ଆର., ଆଇ.ଏମ୍.ଏମ୍.ଟି.ର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ଡଃ ଶିଶିର ମନ୍ତ୍ରୀ ଯୋଗଦାନ କରି ବିଦ୍ୟାଳୟର ଶିକ୍ଷାଦାନ ସହ ପାଠ୍ୟକ୍ରମ ସହଗାମୀ କାର୍ଯ୍ୟକଳାପ, ସ୍ମାର୍ଟ କ୍ଲାସ୍, ନୃତ୍ୟ, ସଂଗୀତ, କଳା ଶିକ୍ଷା, ଲ୍ୟାବ୍ ଆକ୍ଟିଭିଟି, ବାର୍ଷିକ ଯୋଜନା, ମେରିଂ, ଶାରୀରିକ ଶିକ୍ଷା, ଶିକ୍ଷକମାନଙ୍କର ଉତ୍ତରଦାୟୀ ଶୃଙ୍ଖଳିତ କାର୍ଯ୍ୟଧାରା, ଉତ୍ସବ କାଳୀନ ସୁପରିକଳ୍ପିତ ଶୃଙ୍ଖଳିତ ସାଜସଜ୍ଜା ତଥା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଶୃଙ୍ଖଳିତ କାର୍ଯ୍ୟଧାରା, ମଞ୍ଚ ପରିଚାଳନା, ଶିକ୍ଷାର୍ଥୀଙ୍କ ଦ୍ୱାରା ନାଟକ, ନୃତ୍ୟ ଆଦି ପରିବେଷଣ ଓ ଅନୁଷ୍ଠାନର ଏକ ନିଆରା। ଆତିଥେୟତା ପାଇଁ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ଦିଲ୍ଲୀପ କୁମାର ବରାଳ, ସହ ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ନିର୍ଦେଶିକା ଡଃ ଜୟନ୍ତୀ ମିଶ୍ର, ଅଧ୍ୟକ୍ଷ ଡଃ ଅଭିରାମ ସାହୁ, ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ବେଉରାଙ୍କୁ ପ୍ରଶଂସା କରିଥିଲେ। ତତ୍ ସହିତ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀଙ୍କର ଶୃଙ୍ଖଳିତ କାର୍ଯ୍ୟଧାରା ପାଇଁ ଓ ବିଦ୍ୟାଳୟର କାର୍ଯ୍ୟଧାରାରେ ସହଯୋଗ କରୁଥିବା ଅଭିଭାବକମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ପତ୍ରିକା ସଂସ୍କରଣ ''ଦି'କ୍ରେସକେଣ୍ଡୋ''ର ଉନ୍ମୋଚନ ଓ ଲୋକାର୍ପଣ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟରେ ଶିକ୍ଷାଦାନ କ୍ଷେତ୍ରରେ ଦୀର୍ଘ ଦିନରୁ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବୋର୍ଡ ପକ୍ଷରୁ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇ ଆସିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଓ ନାଟକ ପରିବେଷଣ କରାଯାଇଥିଲା। ଶିକ୍ଷକ ସମ୍ବିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାଲେପୁର ବ୍ଲକ୍‌ରେ ବ୍ୟାପକ ପନିପରିବା ଓ ଧାନ ଫସଲ ନଷ୍ଟ



ସାଲେପୁର,୨୨।୧୧(ନି.ପ୍ର): ଅକଭନ୍ ବାତ୍ୟା ଯୋଗୁ ସାଲେପୁର ଅଞ୍ଚଳରେ ହୋଇଥିବା ଲଗାଣ ବର୍ଷାରେ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁ ଧାନ ଗୁଡିକ କ୍ଷେତରେ ପଡିଯିବାରୁ ଧାନ ଫସଲ ଉପରେ ଆଣ୍ଠୁଏ ଲେଖା ପାଣି ରହିବାରୁ ଧାନ ଫସଲ ନଷ୍ଟ ହୋଇଥିବାବେଳେ ଚାଷୀମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି। ସେହିପରି ବିଭିନ୍ନ ପ୍ରକାର ପନିପରିବା ଫସଲ, ବିଲରେ ପାଣି ଜମି ରହିଥିବାରୁ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ସାଲେପୁର ବ୍ଲକ୍‌ର ନରଦା ପଞ୍ଚାୟତରେ ବ୍ୟାପକ ଫସଲ ହାନି ଘଟିଥିବା ଦେଖିବାକୁ ମିଳିଛି। ନରଦା ପଞ୍ଚାୟତର ହରିପୁର, ନାନପୁର, କୁକୁଡ଼ାଙ୍ଗ, ମଙ୍ଗଳପୁର, ତୁନପୁର, କଅଁରପୁର, ଗରଗରା ଅଞ୍ଚଳରେ ଲାଗିଥିବା ପନିପରିବା ଫସଲ ଯଥା କୋବି, କାକୁଡ଼ି, ଜହ୍ନି, ଭେଣ୍ଡି, ଧାନ ଇତ୍ୟାଦି ଜମିରେ ଧାନ ଜମି ରହିଥିବାରୁ ଶହ ଶହ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ମିର୍ଜାପୁର, ରାଇସୁଙ୍ଗଡ଼ା, ସିଢ଼ୋ, ଭୀମଦାସପୁର ଅଞ୍ଚଳରେ ଧାନ ଜମିରେ ପାଣି ଜମି ରହିଥିବାରୁ ବ୍ୟାପକ ଫସଲ ହାନି ଘଟିଛି। ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ବାତ୍ୟା ଅକଓ୍ୱାନ ଦ୍ୱାରା ହୋଇଥିବା ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାପାଇଁ ଦାବି ହୋଇଛି।

# ମା କୁଣ୍ଢେଇବିରାଙ୍କ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ ପାଇଁ ୧୦ଲକ୍ଷ ଟଙ୍କା ଦାନ କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ମା' ବସନ୍ତ ମଞ୍ଜରୀ ପ୍ରଧାନ



ପାଳଲହଡା,୨୨।୧୧(ନି.ପ୍ର):ପାଳଲହଡାର ଅଧିଷ୍ଠାତ୍ରୀ ଦେବୀ ମା କୁଣ୍ଢେଇବିରାଙ୍କ ମନ୍ଦିର ନିର୍ମାଣର ପୂର୍ଣ୍ଣାଙ୍ଗ ପାଇଁ ସହାୟତାର ହାତ ବଢ଼ାଇଲେ ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା ବସନ୍ତ ମଞ୍ଜରୀ ପ୍ରଧାନ। ଶନିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଧର୍ମ ପତ୍ନୀ ବସନ୍ତ ମଞ୍ଜରୀ ପ୍ରଧାନ କୁଣ୍ଢେଇବୀରାଙ୍କ ମନ୍ଦିର ନିର୍ମାଣର ପୂର୍ଣ୍ଣାଙ୍ଗ ନିମନ୍ତେ ନଗଦ ୧୦.୦୦୦୦୦. ଦଶ ଲକ୍ଷ ଟଙ୍କା ଦାନ କରିଥିଲେ। ମାକୁଣ୍ଢେଇବୀରା ବିକାଶ ପରିଷଦର ସଭାପତି, ସମ୍ପାଦକ ଏବଂ ସମସ୍ତ କର୍ମ କର୍ତ୍ତା ସେହି ଦାନ ଅର୍ଥକୁ ଗ୍ରହଣ କରିଥିଲେ। ଶ୍ରୀମତୀ ପ୍ରଧାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମାଙ୍କ କୃପା ଲାଭ କରି ଥିଲେ। ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଶୋକ ମହାନ୍ତି ମଧ୍ୟ ମନ୍ଦିରରେ ପୂଜାର୍ଚ୍ଚନା କରି ମାଙ୍କ କୃପା ଲାଭ କରି ପାଳଲହଡା ବାସୀଙ୍କ ମଙ୍ଗଳ କାମନା କରି ଥିଲେ। ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ, ପଞ୍ଚାନନ ସାହୁ,ସମିତି ସଭ୍ୟା ଶ୍ରୀମତୀ ଗୌରୀ ହାଇବ୍ରର ଏବଂ ବହୁ ବିଶିଷ୍ଟ ନାଗରିକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମତୀ ପ୍ରଧାନଙ୍କୁ ସବୁ ମହଲରେ ଉଚ୍ଚ ପ୍ରସଂସା କରାଯିବା ସହିତ ମା କୁଣ୍ଢେଇବିରା ବିକାଶ ପରିଷଦ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଛି।

# ତଣ୍ଡୀକୂଳ ପଞ୍ଚାୟତରେ ନିଶାମୁକ୍ତ ଅଭିଯାନ




ବାଲିକୁଦା,୨୨।୧୧(ନି.ପ୍ର):ନିଶା କବଳରୁ ଯୁବପିଢିଙ୍କୁ ଦୂରେଇ ରଖିବା ଲାଗି ଉଦୟ ସୁର୍ଜ୍ୟ ସଂଗଠନର ପଦଯାତ୍ରା ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅଧୀନରେ ଥିବା ତଣ୍ଡୀକୂଳ ପଞ୍ଚାୟତରେ ଉଦୟ ସୁର୍ଜ୍ୟ ସଂଗଠନ ପକ୍ଷରୁ ଏକ ନିଶାମୁକ୍ତ ଅଭିଯାନ କରାଯାଇଛି। ଏହି ଅଭିଯାନଟି ସାରଣା ଦଧିବାମନ ମନ୍ଦିର ଠାରୁ ଆରମ୍ଭ କରାଯାଇ ତଣ୍ଡୀକୂଳ ବକ୍ରେଶ୍ୱର ମନ୍ଦିର ପର୍ଜ୍ୟନ୍ତ ଏକ ବିଶାଳ ରାଲି କରାଯାଇ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇ ଥିଲା। ଏହି ଅଭିଯାନରେ ବିଧାୟକ ଶାରଦା ପ୍ରସନ ଜେନା ଯୋଗଦେଇ ନିଶା ପ୍ରକୃତ ମଣିଷ ଜୀବନର ଶତ୍ରୁ ପ୍ରତେକ ନାଗରିକ। ନିଶା ସେବନ ଠାରୁ ଦୂରେଇ ରହିବାକୁ ଜନସାଧାରଣ ମାନଙ୍କୁ ସଚେତନ କରିଥିଲେ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ଏବଂ କୃଷକ ନେତା ଶେଷଦେବ ନନ୍ଦ ମଧ୍ୟ ନିଶାଠାରୁ ଦୂରେଇ ରହିବାକୁ ଜନସାଧାରଣ ମାନଙ୍କୁ ସଚେତନ କରିଥିଲେ, ଏହି କାର୍ଜ୍ୟକ୍ରମରେ ଜନପ୍ରିୟ ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ପୂର୍ବତ୍ତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, କୃଷକ ନେତା ଶେଷଦେବ ନନ୍ଦ, ଓଡ଼ିଶା ନିଶାମୁକ୍ତ ସଂଗଠନର ସମ୍ପାଦକ ସ୍ନେହାସୁ ଜେନା, ମାଳତୀ ପାତ୍ର, ସାଗର ବିଶ୍ୱାଳ, ମୋହନ ଚରଣ ବେହେରା, ବୈକୁଣ୍ଠ ନାଥ ବିଶ୍ୱାଳ ପ୍ରମୁଖଙ୍କ ସହିତ ଶତାଧିକ ମହିଳା ଏବଂ ପୁରୁଷ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ଚୌଦ୍ୱାରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ଟାଙ୍ଗୀ-ଚୌଦ୍ୱାର,୨୨।୧୧(ନି.ପ୍ର.):ବାରଣାସୀର ସ୍ନେହା ଫାଉଣ୍ଡେସନ୍ ଆନୁକୂଲ୍ୟରେ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଚୌଦ୍ୱାରରେ ଆୟୋଜିତ ହୋଇ ଯାଇଛି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଦିଲ୍ଲୀର ଏନ୍‌ଆଇଏସ୍‌ଡି ପୁଷ୍ଟପୋଷକତାରେ ଚୌଦ୍ୱାର ବଡ଼ବଜାରସ୍ଥିତ ସତ୍ୟ ନାରାୟଣ ପାଲା ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ନିଶା ସେବନ ଦ୍ୱାରା ପରିବାର ଓ ସମାଜରେ କିକି କ୍ଷତି ହୋଇଥାଏ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇବା ସହିତ ନିଶା ସେବନରୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ । ସ୍ନେହା ଫାଉଣ୍ଡେସନ୍‌ର ଅଜିତ୍ କୁମାର ମହାନ୍ତି, କାଉନସିଲର ଆଶୁତୋଷ ଦାସ, ଅଜୟ କୁମାର ବେହେରା, ସୁଜାତା ସାହୁ, ପୌର କର୍ମଚାରୀ ତପନ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପାଲାକାର ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଓ ସାଥୀମାନେ ନିଶା ନିବାରଣ ବିଷୟବସ୍ତୁ ଆଧାରିତ ପାଲା ପରିବେଷଣ କରିଥିଲେ ।

# ଭାଗବତ ପ୍ରତିଷ୍ଠା ଓ ସଙ୍କ ସମ୍ମିଳନୀ ପ୍ରସ୍ତୁତି ବୈଠକ

ଟାଙ୍ଗୀ-ଚୌଦ୍ୱାର,୨୨।୧୧(ନି.ପ୍ର): ଚୌଦ୍ୱାର ନିକଟ ନିମାପଡ଼ା ଠାରେ ନିର୍ମିତ ନୂତନ ଭାଗବତ ଗୃହ ଓ ଭାଗବତ ପ୍ରତିଷ୍ଠା ଏବଂ ସାଧୁ ସମ୍ମିଳନୀ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସିଦ୍ଧଗିରି ମହନ୍ତ ବିଶ୍ୱନାଥ ମହାରାଜ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ନିମାପଡ଼ା ଯୁବକ ସଂଘ ସଭାପତି ଦୁର୍ଗାମାଧବ ମୁଦୁଲି, ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ପଣ୍ଡିତ ଅକ୍ଷୟ ପାଢ଼ୀ, ପରମାନନ୍ଦ ସାହୁ, ହୃଷିକେଶ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଆସନ୍ତା ଡିସେମ୍ବର ୧୦ ଓ ୧୧ ତାରିଖ ଦୁଇଦିନ ଧରି ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସ୍ଥିର କରିଥିଲେ । ଏଥିରେ ଭାଗବତ ଗୃହ ପ୍ରତିଷ୍ଠା, ସାଧୁ ସମ୍ମିଳନୀ, ଗୀତାଯଜ୍ଞ, ଭାଗବତ କଥାମୃତ, ପ୍ରବଚନ, ଚତୁର୍ଥ ପ୍ରହର ନାମଯଜ୍ଞ, ଓଡ଼ିଶୀ କୀର୍ତ୍ତନ ଆଦି କାର୍ଯ୍ୟକ୍ରମମାନ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା । ଅଞ୍ଚଳର ୭୫ଟି ଭାଗବତ ଟୁଙ୍ଗୀର ପ୍ରତିନିଧି ଏଥିରେ ଯୋଗଦେଇ ସହଯୋଗ ପାଇଁ ପ୍ରତିଶ୍ରୁତି 

# ଆମ ପୋଲିସ ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ହାଟଡିହି,୨୨।୧୧(ନି.ପ୍ର): ନନ୍ଦିପଦା ଥାନା ଆମ ପୁଲିସ ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ରମ୍ପାସ ପଂଚାୟତର ସରପଂଚ ରବୀନ୍ଦ୍ର ଜେନା, ଆମ ପୁଲିସ ସମିତି ସଦସ୍ୟ ସୁଧାଂଶୁ ଦକ୍ଷିଣରାୟ, କିଶୋର ଚନ୍ଦ୍ର ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ଜେନା, ଦୁଃଶାସନ ସାହୁ, ବୀରେନ୍ଦ୍ର କୁମାର ବିଶ୍ୱାଳ, ପ୍ରମୋଦ କୁମାର ନାୟକ, ମନମୋହନ ବେହେରା, ବାଳକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ଘଟୁଥିବା ସାଇବର ଠକେଇ, ବ୍ୟାଙ୍କ ଠକେଇ, ନାରୀ ନିର୍ଯ୍ୟାତନା, ବାଲ୍ୟ ବିବାହ, ଆଦି ବିଷୟରେ ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ଲୋକଙ୍କୁ ସଚେତନ କରାଇଥିଲେ। ବିଶେଷକରି କୌଣସି ଅଜଣା ଲୋକଙ୍କ ସହିତ ଫୋନରେ କଥା ନ ହେବା, କାହାକୁ ଓଟିପି ସେୟାର ନ କରିବା, ଅନ୍ୟ ଲୋକଙ୍କୁ ନିଜ ବ୍ୟାଙ୍କ ଏକାଉଣ୍ଟ ନ ଦେବା, ୧୮ବର୍ଷରୁ କମ ବୟସର ପିଲାମାନଙ୍କୁ ବାଇକ ଚଲାଇବାକୁ ନଦେବା, ବିନା ହେଲମେଟରେ ବାଇକ ନ ଚଳାଇବା, ନିଜ ନିଜ ଛୁଆଙ୍କ ଉପରେ ନଜର ରଖିବା, ବରିଷ୍ଠ ନାଗରିକଙ୍କୁ ଉପଯୁକ୍ତ ସୁରକ୍ଷା ଓ ସମ୍ମାନ ଯୋଗାଇ ଦେବା ଆଦି ବିଷୟରେ ଅବଗତ କରାଯାଇଥିଲା। ଆମ ପୁଲିସ ସଦସ୍ୟମାନେ ନିଜ ନିଜ ବକ୍ତବ୍ୟରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଗ୍ରାମବାସୀ ମାନେ ଚୋରା ମଦ ବ୍ୟବସାୟ ବହୁ ପରିମାଣରେ ବୃଦ୍ଧି ପାଉଥିବାରୁ ଏଥିରେ ରୋକ ଲଗାଇବାକୁ ଦାବି କରିଥିଲେ। ବିଶେଷ କରି ପୋଲିସ ପକ୍ଷରୁ ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡ଼ି କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏଥିରେ ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ, ଦାମୋଦର ଜେନା, ନାରାୟଣ ବେହେରା ପ୍ରମୁଖ ପୋଲିସ ସହିତ ସୁସଂପର୍କ ରାକ୍ଷକରି ନିଜ ଅଂଚଳରେ ଶାନ୍ତି ପ୍ରତିଷ୍ଠା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ସାମିଲ ହୋଇଥିଲେ। ଆଗାମୀ ଦିନ ମାନଙ୍କରେ ଥାନା ଅଂଚଳର ବିଭିନ୍ନ ପଂଚାୟତରେ ଏହିପରି ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ମହେଶ୍ୱର ସୁତାର, ବିଶେଶ୍ୱର ସୁତାର, ଭକ୍ତ ଶେଖର ପେରେଇ, ଗୋପାଳ କୃଷ୍ଣ ସେନାପତି, ନୀଳମଣି ଜେନା, ପ୍ରହ୍ଲାଦ ଜେନାଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ବୃଦ୍ଧ ଦମ୍ପତ୍ତିଙ୍କ ନିକଟରେ ପହଁଚି ସହାୟତାର ହାତ ବଢ଼ାଇଲେ ପାଟଣା ବିଧାୟକ



ପାଟଣା,୨୨।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ବଡ଼ପାଟଣା ପଂଚାୟତ ଅନ୍ତର୍ଗତ ବଡ଼ପାଟଣା ଗ୍ରାମର ଅସହାୟ ଭିନ୍ନକ୍ଷମ ବୃଦ୍ଧ ଦଂପତିଙ୍କ ନିକଟରେ ପହଁଚି ସହାୟତାର ହାତ ବଢ଼ାଇଛନ୍ତି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ। ସୂଚନା ଅନୁଯାୟୀ, ଗ୍ରାମର ଭିନ୍ନକ୍ଷମ ବୃଦ୍ଧ କୁଶ ଭୂମିଜ ଏବଂ ତାଙ୍କ ପତ୍ନୀ ସାବିତ୍ରୀ ଭୂମିଜ ଦୀର୍ଘଦିନ ଧରି ଅତ୍ୟନ୍ତ ଦୟନୀୟ ଓ ଅସହାୟ ଅବସ୍ଥାରେ ଜୀବନ ବିତାଉଥିଲେ। ଏ ସଂପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଘଟଣା ସଂପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ବିଧାୟକ ଶ୍ରୀ ନାଏକ ବୃଦ୍ଧ ଦମ୍ପତ୍ତିଙ୍କ ବାସଭବନରେ ପହଁଚି ସେମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ଭଲମନ୍ଦ ପଚାରି ବୁଝିଥିଲେ। ଏହି ଅବସରରେ ସେ ବୃଦ୍ଧ ଦମ୍ପତ୍ତିଙ୍କୁ ଶୀତବସ୍ତ୍ର କମ୍ବଳ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଏଥିସହ କୁଶ ଭୂମିଜଙ୍କୁ ସରକାରୀ ଯୋଜନା ମାଧ୍ୟମରେ ଖୁବଶୀଘ୍ର ଏକ ପକ୍କା ଘର ଯୋଗାଇ ଦେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ଦୁଇ ମାସର ଭତ୍ତା ବଣ୍ଟନ କଲେ ବିଧାୟକ



ରାମଚନ୍ଦ୍ରପୁର,୨୨।୧୧(ନିପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ ସୁଆଁପଦା ହାଟ ପିଣ୍ଡିଠାରେ ରବିବାର ମଧୁବାବୁ ପେନସନ୍ ଯୋଜନା ଅଧୀନରେ ୫ଟି ପଞ୍ଚାୟତର ମୋଟ ୬୫୦ ଜଣ ହିତାଧିକାରୀଙ୍କୁ ଦୁଇ ମାସର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ ଯୋଗଦେଇ ହିତାଧିକାରୀମାନଙ୍କୁ ଦୁଇ ମାସର ଭତ୍ତା ନଗଦ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ପ୍ରଶାସନ ଓ ଜନ ପ୍ରତିନିଧିମାନେ ଅଧିକ ଯତ୍ନ ହେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ। ଦୀର୍ଘ ବର୍ଷର ବ୍ୟବଧାନ ପରେ ଭତ୍ତା ଟଙ୍କା ପାଇ ହିତାଧିକାରୀ ମାନେ ବେଶ୍ ଖୁସି ଅନୁଭବ କରିବା ସହ ରାଜ୍ୟ ସରକାରଙ୍କ ଠାରେ ନିଜର କୃତଜ୍ଞତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଡ଼ବାନ୍ଧଗୋଡ଼ା, ବାଡୋ, ତରୁଆଁ, ରାମଚନ୍ଦ୍ରପୁର ଓ ଗଁପୁର ଆଦି ୫ଟି ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ପ୍ରଦାନ କରାଯାଇଛି।

# ବିଦେଶୀ ମଦ ଜବତ, ଜଣେ ଗିରଫ

ହାଟଡିହି,୨୨।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ପୁଲିସକୁ ମିଳିଛି ସଫଳତା। ବେଆଇନ ଭାବେ ବିଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ାଉ କରି ୯୬ ବୋତଲ ବିଦେଶୀ ମଦ ଜବତ କରିବା ସହ ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ମଦ ଚାଲାଣରେ ବ୍ୟବହୃତ ମୋଟରସାଇକେଲକୁ ମଧ୍ୟ ପୁଲିସ ଜବତ କରିଛି। ସୂଚନା ଅନୁଯାୟୀ, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରବିବାର ସନ୍ଧ୍ୟା ସମୟରେ ପୁଲିସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ବଞ୍ଚୋ ଗ୍ରାମର ଗଗନ ବିହାରୀ ମହାଳିକ ଏକ ମୋଟର ସାଇକେଲ ଯୋଗେ ଛେନାପଦି ପଟୁ ବିଦେଶୀ ମଦ ନେଇ ଶଙ୍ଖୋ ଅଭିମୁଖେ ଯାଉଥିବା ସମୟରେ ଶଙ୍ଖୋ ନିକଟରେ ପୁଲିସ ତାଙ୍କୁ ଅଟକାଇ ଯାଂଚ କରିଥିଲା। ଯାଂଚ ସମୟରେ ତାଙ୍କ ନିକଟରୁ ୨ ପେଟି (୯୬) ବୋତଲ ବିଦେଶୀ ମଦ ମିଳିବା ପରେ ପୁଲିସ ଏହାକୁ ଜବତ କରିଥିଲା। ଏହି ଘଟଣାକୁ ନେଇ ନନ୍ଦିପଦା ଥାନାରେ କେସ ନଂ ୪୨୩/୨୦୨୬ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଗଗନ ବିହାରୀ ମହାଳିକଙ୍କୁ ଗିରଫ କରାଯାଇଥିବା ନେଇ ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ସୂଚନା ଦେଇଛନ୍ତି। ଚଢ଼ାଉ ଅଧିକାରୀ କଳିନ୍ଦ୍ର ପ୍ରଧାନଙ୍କ ସମେତ ଲକ୍ଷ୍ମୀପ୍ରିୟା ବଳ, ରାଘବ ବେହେରା, ତ୍ରିପୁରା ପ୍ରିୟଦର୍ଶିନୀ ଓ ଜିତେନ୍ଦ୍ର ଜେନା ପ୍ରମୁଖ ପୁଲିସ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ବେଆଇନ ମଦ କାରବାର ଉପରେ ନଜର ରଖିବା ସହ ଏଭଳି କାର୍ଯ୍ୟକଳାପ ବିରୋଧରେ ପୁଲିସର ଚଢ଼ାଉ ଜାରି ରହିବ ବୋଲି ଥାନା ଆଇଆଇସି କହିଛନ୍ତି।

# ଅଗ୍ନିଶମ କେନ୍ଦ୍ରକୁ ମିଳିଲା ନୂତନ ଗାଡ଼ି



ପାଟଣା,୨୨।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣାସ୍ଥିତ ପୁଟୁଳିଆଠାରେ ଥିବା ଓଡ଼ିଶା ଅଗ୍ନିଶମ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂତନ ଅଗ୍ନିଶମ ଗାଡ଼ି ଯୋଗାଇ ଦିଆଯାଇଛି। ପୂର୍ବରୁ ଅଗ୍ନିଶମ କେନ୍ଦ୍ରରେ ଥିବା ପୁରୁଣା ଗାଡ଼ିଟି ଅଚଳ ହୋଇଯାଇଥିବାରୁ ଅଗ୍ନିକାଣ୍ଡ ଓ ଜରୁରୀକାଳୀନ ସେବା ଯୋଗାଇବାରେ ସମସ୍ୟା ଦେଖାଦେଉଥିଲା। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ ପାଟଣା ଅଗ୍ନିଶମ କେନ୍ଦ୍ରକୁ ନୂତନ ଗାଡ଼ି ପ୍ରଦାନ କରାଯାଇଛି। ନୂତନ ଗାଡ଼ିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଡ଼ିର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବିଶ୍ୱନାଥ ନାୟକଙ୍କ ବିଜେପିର ନେତୃମଣ୍ଡଳ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଏଫ୍‌ଓ ଆରକେଏଲ ଶରତ ଚନ୍ଦ୍ର ମଲ୍ଲିକ, ଆସିଷ୍ଟାଣ୍ଟ ଫାୟାର ଅଫିସର କୃଷ୍ଣଚନ୍ଦ୍ର ସାମଲ, କେନ୍ଦ୍ରାଧିକାରୀ ଗୌର ମୋହନ ହେମ୍ବ୍ରମ, ମୁଖ୍ୟ ଆଗ୍ନୀକ ବିଜୟ ନାୟକ, ଡିଏଚ୍‌ଓଭି ଜେ.ଏସ୍. ମହାନ୍ତ, ଏଫ୍‌ଏମ୍‌ଡି ସିତ କୁମାର ରାଜଙ୍କ ସହ ସମସ୍ତ କମର୍ଚାରୀ ଉପସ୍ଥିତ ଥିଲେ। ପୂଜକ ଦେବେନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ନୂତନ ଅଗ୍ନିଶମ ଗାଡ଼ି ଯୋଗୁଁ ପାଟଣା ବ୍ଲକ ସମେତ ଆଖପାଖ ଅଂଚଳରେ ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ ଜରୁରୀକାଳୀନ ଘଟଣା ସମୟରେ ତ୍ୱରିତ ସେବା ଯୋଗାଇବାରେ ଅଗ୍ନିଶମ ବିଭାଗକୁ ସହାୟତା ମିଳିବ।

## ଯୁବ ପିଢ଼ି କାଳଜୟୀ କବିତା ସୃଷ୍ଟି କରନ୍ତୁ

ବୋଲଗଡ଼,୨୨।୧୧(ନି. ପ୍ର): ବୋଲଗଡ ବ୍ଲକ ହାଟବସ୍ତୁ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ସଭା ଗୃହରେ ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ସାଂସଦ ତଥା କବି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇ ଯୁବ ପିଢ଼ି କାଳଜୟୀ କବିତା ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ସଭାପତି ସତ୍ୟବାଦୀ ବଳିୟାରସିଂଙ୍କ ଅଧକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ବ୍ରିଗେଡିୟର ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ, ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଶିକ୍ଷାବିତ କାଳିଚରଣ ଜୟସିଂ, କୁମୁଦିନୀ ଜୟସିଂ, ଅଧକ୍ଷ ମନୋରଞ୍ଜନ ଦାସ, ଅଧକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ, ଅଧକ୍ଷାଢ଼ଃ ପ୍ରଭାସିନୀ ପାଇକରାୟ ଓ ଶିକ୍ଷାବିତ ବଂଶୀଧର ଜଗଦେବ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ରଙ୍କନିଧି ବଳିୟାରସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ସ୍ୱାଗତ ଗୀତିକା ଗାନ କରିଥିଲେ। ପ୍ରାରମ୍ଭରେ ସଦସ୍ୟ ସ୍ୱର୍ଗତ ସୁମନ୍ତ



ଛୋଟରାୟଙ୍କ ଆତ୍ମାର ସଦଗତି ନିମିତ୍ତ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୪ଜଣ ପ୍ରତିଭା ଶିକ୍ଷାବିତ ବଂଶୀଧର ଜଗଦେବ ଗୋପୀନାଥ ଖାଡ଼ଙ୍ଗା, ବ୍ରିଗେଦିୟାର ପ୍ରଫୁଲ୍ଲ କୁମାର ସାହୁ ଓ ନନ୍ଦ କିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କାଳିଚରଣ ଜୟସିଂଙ୍କ ୮୪ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ତାଙ୍କର ଶତାୟୁ କାମନା କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ଅନଙ୍ଗାୟନ ପତ୍ରିକା ଉନ୍ମୋଚିତ ହୋଇଥିଲା।

## ବାଲିଯାତ୍ରା ଓ ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ



କାକଟପୁର,୨୨।୧୧(ନି.ପ୍ର): କାକଟପୁର ନିକଟସ୍ଥ ତାଳଦା ପଂଚାୟତର ତାଳଦା ବାଲିପଠାସ୍ଥ ନଦୀ ପୀଠରେ ତାଳଦା ଓ ତରାସାହି ପଂଚାୟତର ମିଳିତ ଉଦ୍ୟମରେ ୩ୟ ବାର୍ଷିକ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଦା ପଂଚାୟତ ସରପଞ୍ଚ ଦୀପକ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ଉପଦେଷ୍ଟା ପ୍ରତାପ ପରିଡା, ଅସ୍ତରଙ୍ଗ ଥାନା ଅଧିକାରିଣୀ ରୀତା ବେହେରା, କୋଷାଧକ୍ଷ ଦିବାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୪ ତାରିଖ ମଙ୍ଗଳ ବାର ସକାଳ ୭ ଘଂଟିକା ସମୟରେ ଆଞ୍ଚଳିକ ବୋଇତ ବନ୍ଦାଣ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତେହ ସନ୍ଧ୍ୟାରେ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ନିମାପଡା,୨୨।୧୧(ନି.ପ୍ର): ସ୍ଥାନୀୟ ତଳଅଣ୍ଡିଆସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ଓ୍ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଦଶମ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜୁନିୟର ଏବଂ ସିନିୟର ବିଭାଗରେ ଚିତ୍ରାଙ୍କନ 'ସ୍ୱଚ୍ଛତା ଏକ ଆହ୍ୱାନ' ପ୍ରତିଯୋଗିତା ଏବଂ ଇଂରାଜୀ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟମାନଙ୍କରୁ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଡ଼ିସେମ୍ବର ମାସ ୩ୀ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ରୂପେ ମୂଲ୍ୟାୟନ କରିଥିଲେ ଅଧ୍ୟାପକ ଡ଼.ରବିନ୍ଦ୍ରନାଥ ପାଢ଼ୀ, ଅବସର ପ୍ରାପ୍ତ ଶିକ୍ଷକ ନିର୍ମଳ କୁମାର ମିଶ୍ର, ଡ଼. ରାବି ନାରାୟଣ ସାହୁ ଓ ଡ଼.ବିଭୁତି ଭୂଷଣ ପଣ୍ଡା। ବିଦ୍ୟାଳୟର ଅଧକ୍ଷ ଗଗନ ବିହାରୀ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଗୀତନନ୍ଦା ପଟ୍ଟନାୟକ, ପ୍ରଜ୍ଞାପରମିତା ପରିଡା, ସ୍ମିତାହାସ ନାୟକ, ଆଶ୍ରିବାଦ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଏହାର ସଫଳ ରୂପାୟନରେ ସହାୟତା କରିଥିଲେ।

### ଅଦିନିଆ ବର୍ଷା ଉଜାଡ଼ିଲା ପାଚିଲା ଧାନ

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ରାମଚନ୍ଦ୍ରପୁର, ୨୨।୧୧(ନିପ୍ର): ବାତ୍ୟା ଅକଓ୍ୱାନ ପ୍ରଭାବରେ ଆନନ୍ଦପୁର ଉପଖଣ୍ଡରେ ହୋଇଥିବା ଲଗାଣ ବର୍ଷା ଅନେକ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ବିଶେଷ କରି ଅମଳ ସମୟରେ ପାଚିଲା ଧାନ ଫସଲ ବର୍ଷାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ତଦନ୍ତ ପରେ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଥିବା ବେଳେ ତୃଣମୂଳ ସ୍ତରରେ କାର୍ଯ୍ୟରତ କେତେକ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଘସିପୁରା ବ୍ଲକ ଖାଳିଆମେଣ୍ଟ ଗ୍ରାମର ଜଣେ ବୃଦ୍ଧ ଚାଷୀ ରାଜକିଶୋର ଜେନା (୮୦)ଙ୍କ ଚାଷ ଜମି ବର୍ଷା ଯୋଗୁଁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହାର ସଠିକ୍ ଆକଳନ ଓ ତଦନ୍ତ ପାଇଁ ସେ ବାରମ୍ବାର ଅନୁରୋଧ କରିବା ପରେ ସ୍ଥାନୀୟ ରାଜସ୍ୱ ଅଧିକାରୀ ଓ ପଞ୍ଚାୟତ କୃଷି ଅଧିକାରୀ କ୍ଷତିଗ୍ରସ୍ତ ଜମି ପରିଦର୍ଶନ ପାଇଁ ପହଞ୍ଚିଥିଲେ ମଧ୍ୟ ଚାଷଜମିରେ ପାଣି ଜମି ରହିଥିବା ଦର୍ଶାଇ ଅଧାରୁ ଫେରିଯାଇଥିବା ଅଭିଯୋଗ ହୋଇଛି। ଏଥିରେ ନିରାଶ ହୋଇ ବୃଦ୍ଧ ଚାଷୀ ରାଜକିଶୋର ବର୍ଷାରେ ନଷ୍ଟ ହୋଇଥିବା ଧାନ ବିଡ଼ା ଧରି ଘସିପୁରା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତହସିଲଦାରଙ୍କୁ ଭେଟି ସେ ନିଜର ଦୁଃଖ ଜଣାଇବା ସହ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଅନ୍ୟପକ୍ଷରେ, ତହସିଲଦାର ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଏବେ ଏହି ବୃଦ୍ଧ ଚାଷୀଙ୍କୁ କେବେ ନ୍ୟାୟ ଓ ପ୍ରାପ୍ୟ ମିଳୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଦେଶୀ ମହୁଲି ମଦ ଉଜାଡୁଛି ସୁନାର ସଂସାର

# ୟୁରିଆ ସାର ମିଶାଇ ମଦ ପ୍ରସ୍ତୁତି ଅଭିଯୋଗ



ପଣ୍ଡାପଡା,୨୨।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବକ୍କିବାରିଗାଁ ଗ୍ରାମ ପଂଚାୟତର ମଧ୍ୟପୁର, ଜୁଙ୍ଗା ଗ୍ରାମ ପଂଚାୟତ ଅଧୀନ କାବେରୀପଶି ଏବଂ ବାଂଶପାଳ ବ୍ଲକ କୋଡ଼ିପଶା ଗ୍ରାମ ପଂଚାୟତ କୁଣ୍ଢେଇ ଓ କୋଡିପାସା ଗ୍ରାମରେ ବେଆଇନ ଭାବେ ମହୁଲି ମଦ ପ୍ରସ୍ତୁତି ଓ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କେତେକ ସ୍ଥାନରେ ମଦ ପ୍ରସ୍ତୁତି ସମୟରେ ୟୁରିଆ ସାର ଭଳି ରାସାୟନିକ ପଦାର୍ଥ ମିଶା ଯାଉଛି। ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ମଦ୍ୟପାନ ଯୋଗୁଁ ଅନେକ ଲୋକ ଅକାଳରେ ଜୀବନ ହରାଉଥିବା ବେଳେ କମ୍ ବୟସର ଯୁବକମାନେ ମଧ୍ୟ ମଦ୍ୟ ପାନ କରି ଏଥିରେ ଶିକାର ହେଉଛନ୍ତି। ମଦ୍ୟପାନ କରି ରାସ୍ତାଘାଟରେ ମଦୁଆଙ୍କ ଆଡ଼ା ଓ ଅଶ୍ଳିଳ ଭାଷା ପ୍ରୟୋଗ କରିବା ସହିତ ରାସ

# ୩୦ରୁ ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହ



ସମ୍ବଲପୁର, ୨୨।୧୧ (ନିପ୍ର) ଚଳିତ ଖରିଫ୍ ବିପଣନ ବର୍ଷ (କେଏମ୍ଏସ୍) ୨୦୨୬/୨୭ ପାଇଁ ଆସନ୍ତା ନଭେମ୍ବର ୩୦ରୁ ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହେବ। ଏଥିନିମନ୍ତେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତା ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍ପିସି) ବୈଠକ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ମନୋଜ ମହାପାତ୍ର, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ସମବାୟ ଉପନିବନ୍ଧକ ଲକ୍ଷ୍ମୀଧର ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଚାଷୀ ପ୍ରତିନିଧି ଓ ମିଲର୍ସ ସଂଘର ପ୍ରତିନିଧିମାନେ ଯୋଗ ଦେଇ ଥିଲେ। ବୈଠକ ରେ ଜିଲ୍ଲାପାଳ ଗତବର୍ଷ ଖରିଫ୍ ଓ ରବି ଋତୁରେ ଜିଲ୍ଲାରୁ ପ୍ରାୟ ୪୭ ଲକ୍ଷ କ୍ୱିଣ୍ଟାଲ ଧାନ ସଫଳତାର ସହ ସଂଗ୍ରହ ହୋଇଥିବା ସୂଚନା ଦେଇଥିଲେ। ଚଳିତବର୍ଷ ଧାନ ବିକ୍ରୟ ପାଇଁ ଗତବର୍ଷର ୬୫ ହଜାର ଚାଷୀଙ୍କ ତୁଳନାରେ ପ୍ରାୟ ୧୨ରୁ ୧୩ ପ୍ରତିଶତ ଅଧିକ ଅର୍ଥାତ୍ ୭୨ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାର ୪୫ଟି ପ୍ରାଥମିକ କୃଷି ସମବାୟ ସମିତି ଓ ଲ୍ୟାମ୍ପସ୍ ଅଧୀନରେ ଥିବା ୧୨୬ଟି ଧାନ କ୍ରୟ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଏହାର ସୁପରିଚାଳନା ପାଇଁ ୧୨୬ ଜଣ ମଣ୍ଡି ନୋଡାଲ ଅଫିସର ଓ ୨୪ ଜଣ ସୁପରଭାଇଜିଂ ଅଫିସରଙ୍କୁ ନିୟୋଜିତ କରାଯିବ। ସରକାରଙ୍କ ଧାର୍ଯ୍ୟ ଦର ଅନୁଯାୟୀ, ଚଳିତବର୍ଷ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨୪୪୧ ଟଙ୍କା ଏବଂ ଗ୍ରେଡ୍ଏ ଧାନ ୨୪୬୧ ଟଙ୍କାରେ କ୍ରୟ କରାଯିବ। ସମସ୍ତ ମଣ୍ଡିରେ ଚାଷୀଙ୍କ ସୁବିଧା ପାଇଁ ପାଲ, ପଲିଥିନ୍, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ। ଧାନର ମାନ ପରୀକ୍ଷା ପାଇଁ ଅସ୍ଥାୟୀ କ୍ୱାଲିଟି ଆନାଲିଷ୍ଟ ଓ ଆବଶ୍ୟକ ଯନ୍ତ୍ରପାତି ମଧ୍ୟ ଉପଲବ୍ଧ ରହିବ। ଏଥିସହ ୪୫ଟି ସମବାୟ ସମିତିରେ ବିଡିଓଙ୍କ ଦ୍ୱାରା ସୋସାଇଟି ସ୍ତରୀୟ କ୍ରୟ କମିଟି ଗଠନ କରାଯାଇ ଧାନର ମାନ ଓ କ୍ରୟ ସମ୍ପର୍କିତ ସମସ୍ୟାର ତ୍ୱରିତ ସମାଧାନ କରାଯିବ। ଧାନ କ୍ରୟ ପ୍ରକ୍ରିୟା ରେ ସ୍ୱଚ୍ଛତା ଓ ପାରଦର୍ଶିତା ରକ୍ଷା ପାଇଁ ପିପାସ୍ ମାଧ୍ୟମରେ ଚାଷୀଙ୍କୁ ଆଗୁଆ ଟୋକନ୍ ସମ୍ପର୍କିତ ଏସ୍ଏମ୍ଏସ୍ ପଠାଯିବ। ଆଇରିସ୍ ସ୍କାନର ଜରିଆରେ ଆଧାର ପ୍ରମାଣୀକରଣ ପରେ ହିଁ ଧାନ କ୍ରୟ କରାଯିବ। ଧାନ ବିକ୍ରୟ ବାବଦ ଅର୍ଥ ସିଧାସଳଖ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ଏନ୍ପିସିଆଇ ମାଧ୍ୟମରେ ପ୍ରଦାନ କରାଯିବ। ଧାର୍ଯ୍ୟ ତାରିଖରେ କୌଣସି ଚାଷୀ ଧାନ ବିକ୍ରି କରିବାରେ ଅସମର୍ଥ ହେଲେ ପ୍ରତି ୭ ଦିନରେ ସ୍ମାରକପତ୍ର ଏସ୍ଏମ୍ଏସ୍ ପଠାଯିବ। ଏଥିସହ କୌଣସି ଚାଷୀଙ୍କ ଟୋକନ୍ ଯେପରି ବାତିଲ ନ ହୁଏ, ସେଥିପାଇଁ ଜିଲ୍ଲାପାଳଙ୍କ ସ୍ତରରେ ଟୋକନ୍ର ବୈଧତା ଅତିରିକ୍ତ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି। ଚାଷୀମାନଙ୍କୁ ଏକାଥରକେ ଟୋକନ୍ ପ୍ରଦାନ କରାଯିବ। ସହ ଜିଲ୍ଲାର ୪୮ ଜଣ କଷ୍ଟମ୍ ମିଲର୍ସଙ୍କ ମଧ୍ୟରେ ଧାନ ଉଠାଣର ସନ୍ତୁଳନ ରକ୍ଷା କରାଯିବ।

# ଭୂବନ୍ଦୋବସ୍ତ ଓ ପଟ୍ଟା ପ୍ରଦାନ ଦାବିରେ ବିଜେଡିର ସାମ୍ବାଦିକ ସମ୍ମିଳନୀ

## ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ



ଉମରକୋଟ,୨୩।୧୧(ନତ (ପ୍ରମୋଦ କୁମାର ରଥ): ନବରଙ୍ଗପୁର ଜିଲ୍ଲାର ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଭୂବନ୍ଦୋବସ୍ତ ପ୍ରକ୍ରିୟା ହୋଇନଥିବାରୁ ଅନେକ ଲୋକ ଜମିର ମାଲିକାନା ପଟ୍ଟା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ। ଏହି ଚାରିଟି ବ୍ଲକ୍ରେ ତୁରନ୍ତ ଭୂବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ କରି ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ ଏବଂ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା ଦାବିରେ ଉମରକୋଟସ୍ଥିତ ଏସ୍ଏସ୍ ଇଣ୍ଟରନ୍ୟାସନାଲ ହୋଟେଲରେ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା।ଦଳୀୟ ନେତାଙ୍କ କହିବା ଅନୁଯାୟୀ, ୧୯୫୪ ମସିହାରୁ ଉକ୍ତ ଅଞ୍ଚଳଗୁଡ଼ିକରେ ଭୂବନ୍ଦୋବସ୍ତ ହୋଇନାହିଁ। ଫଳରେ ବହୁ ପରିବାର ସରକାରୀ ଜମିରେ ଘର ନିର୍ମାଣ କରି ଦୀର୍ଘ ବର୍ଷ ଧରି ବସବାସ କରିବା ସହ ବ୍ୟବସାୟ କରି ଜୀବିକା ନିର୍ବାହ କରୁଛନ୍ତି। ଏଭଳି ସ୍ଥିତିରେ ଲୋକଙ୍କୁ ଉଚ୍ଛେଦ କରିବା ପରିବର୍ତ୍ତେ ପ୍ରଥମେ ଭୂବନ୍ଦୋବସ୍ତ, ଥଇଥାନ ଓ ପଟ୍ଟା ପ୍ରଦାନର ବ୍ୟବସ୍ଥା କରିବାକୁ ଦଳ ଦାବି କରିଛି।ସମ୍ମିଳନୀରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଥିଲେ ଯେ, ଉମରକୋଟ ସହରରେ ଏଭଳି ପରିସ୍ଥିତି ପୂର୍ବରୁ ଦେଖିବାକୁ ମିଳିନଥିଲା। ଲୋକଙ୍କ ସମସ୍ୟାର ସମାଧାନ ନକରି ଘର, ଦୋକାନ ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରାଯାଉଥିବା ସେ ଅଭିଯୋଗ କରିଥିଲେ। ସହରରେ ଭୟ ଓ ଅରାଜକତାର ପରିବେଶ ସୃଷ୍ଟି ନକରି ଲୋକଙ୍କ ଜମି ସମସ୍ୟାର ସମାଧାନ ପାଇଁ ସରକାର ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ। ଦାବି ପ୍ରତି ଧ୍ୟାନ ଦିଆନଗଲେ ବିଜେଡି ଜିଲ୍ଲାବ୍ୟାପୀ ଜୋରଦାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ।ବରିଷ୍ଠ ନେତା ତଥା ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି ଭୂବନ୍ଦୋବସ୍ତ, ଥଇଥାନ ଓ ପଟ୍ଟା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ରଖିବା ସହ ସାଧାରଣ ଲୋକଙ୍କୁ ଉଚ୍ଛେଦ ନାମରେ ହଇରାଣ ନକରିବାକୁ କହିଥିଲେ। ବିଧାୟକ ପ୍ରାର୍ଥିନୀ ନବୀନା ନାୟକ ଲୋକଙ୍କ ମଧ୍ୟରେ ଘର ଓ ଦୋକାନ ଭାଙ୍ଗିବା ନେଇ ଭୟ ସୃଷ୍ଟି ହେଉଥିବା ଅଭିଯୋଗ କରିବା ସହ ବିଜେଡି ସବୁବେଳେ ସାଧାରଣ ଲୋକଙ୍କ ସହ ରହିଛି ବୋଲି କହିଥିଲେ।ସେହିପରି ପୂର୍ବତନ ବିଧାୟକ ସୁବାଷ ଗଣ୍ଡ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଓ ବର୍ତ୍ତମାନର ସ୍ଥିତି ମଧ୍ୟରେ ପାର୍ଥକ୍ୟ ରହିଥିବା ଅଭିଯୋଗ କରିଥିଲେ। ଝରିଗାଁ ରୋଡ୍ ଓ ଉମରକୋଟ ସହରରେ ଘର ଓ ଦୋକାନ ଭଙ୍ଗାଯିବା ଘଟଣାକୁ ନେଇ ସେ ଉଦ୍ବେଗ ପ୍ରକାଶ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ତପନ ଦେବନାଥ ବସ୍ତି ଅଞ୍ଚଳର ଅନେକ ଯୋଗ୍ୟ ପରିବାର ଆବାସ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ କରି ଭୂବନ୍ଦୋବସ୍ତ ସହ ଆବାସ ସମସ୍ୟାର ସମାଧାନ ଦାବି କରିଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ଉମରକୋଟ ବିଜୁ ନଗର ସଭାପତି ଚନ୍ଦନ ବେହେରା, ବିଜୁ ଯୁବ ସଭାପତି ମନୋଜ ନାୟକ, କାଳୁ ପଣ୍ଡା, କୈଳାଶ ନାୟକ, ସଲିମା ରାଠୋର, ମା ପେଦ୍ରାଣୀ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ନିତିନ ଯାଦବ, ଯୁବ ମହିଳା କର୍ମୀ ସଂଯୁକ୍ତା ପଟ୍ଟନାୟକଙ୍କ ସମେତ ବହୁ ସକ୍ରିୟ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୨୬ରେ ଶ୍ରମବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସିର ଧାରଣା



ଜୟପୁର,୨୨/୧୧(ନି ପ୍ର): ଜୟପୁର ସେବା କାଗଜ କଳ ଶ୍ରମିକଙ୍କ ସମସ୍ୟା ସମାଧାନ ସହ ଜିଲ୍ଲାର ଶ୍ରମିକମାନଙ୍କ ବିଭିନ୍ନ ଦାବି ପୂରଣ ନେଇ ଆସନ୍ତା ନଭେମ୍ବର ୨୬ ସମ୍ବିଧାନ ଦିବସରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏନେଇ ସ୍ଥାନୀୟ ଯାଦବ ଭବନଠାରେ ପ୍ରମୋଦ କୁମାର ମହାନ୍ତିଙ୍କ ସଭାପତିତ୍ୱରେ କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକଙ୍କ ବୈଠକରେ ନିଷ୍ପତ୍ତି ହୋଇଛି। ସେବା କାଗଜ କଳର ଦୁରବସ୍ଥା, ଶ୍ରମିକଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି, ନିର୍ମାଣ ଶ୍ରମିକଙ୍କ ମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ, ଶ୍ରମିକ କାର୍ଯ୍ୟାଳୟ ପୁନଃ ଖୋଲିବ। ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ପିଏଫ୍ ଓ ଇଏସଆଇ ଲାଗୁ କରିବା ଆଦି ଦାବି ଉଠିଛି। ଏହି ସମସ୍ୟା ପ୍ରତି ସରକାର ଓ ସ୍ଥାନୀୟ ଲୋକପ୍ରତିନିଧି ଧ୍ୟାନ ଦେଉନଥିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ପ୍ରଦୀପ ପାଞ୍ଜିଆ, ବସନ୍ତ ବେହେରା, ସୁବାଷ ବେହେରା, ସରୋଜ ପଣ୍ଡା ଓ ଭାସ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ଏସ୍ସି, ଏସ୍ଟି କର୍ମଚାରୀ କଲ୍ୟାଣ ପରିଷଦର ଜିଲ୍ଲା ଶାଖା ପୁନର୍ଗଠିତ



ସମ୍ବଲପୁର, ୨୨।୧୧ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ରେ ସରକାରୀ ନିୟମ ଉଲ୍ଲଂଘନ ଓ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛି ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସମ୍ବଲପୁର ଶାଖା। ଏହି ଘଟଣାରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ନ୍ୟାୟ ପ୍ରଦାନ ପାଇଁ ଦାବି କରିବାକୁ ପରିଷଦ ନିଷ୍ପତ୍ତି ନେଇଛି। ରବିବାର ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ୍ କ୍ଲବ୍ଠାରେ ପରିଷଦର ସାଧାରଣ ବୈଠକ ଜିଲ୍ଲା ସଭାପତି ସୁଜିତ ବୁଡ଼ାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଡାକ୍ତର ପ୍ରଦୀପ୍ତ ସେଠ ମୁଖ୍ୟ ଅତିଥି ଓ ପ୍ରହ୍ଲାଦ ରୋହିଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମଚାରୀଙ୍କ ସମସ୍ୟା ଓ ସାଂଗଠନିକ କାର୍ଯ୍ୟଧାରା ଉପରେ ମାର୍ଗଦର୍ଶନ କରିଥିଲେ। ବୈଠକ ରେ କର୍ମଚାରୀଙ୍କ ପଦୋନ୍ନତି ସମ୍ପର୍କରେ ଆଲୋଚନା ବେଳେ ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା। ପରିଷଦର କହିବାନୁଯାୟୀ, ୨୦୧୯ ମସିହାରୁ ଜିଲ୍ଲାରେ ଗ୍ରୁପ୍(ଏ) ଅନୁସାରେ ପଦୋନ୍ନତି ଦିଆଯାଉଥିବା ବେଳେ ସରକାରୀ ସ୍ୱଷ୍ଟୀକରଣ ଓ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସତ୍ତ୍ୱେ ଗତ କିଛି ମାସ ତଳେ ଦିଆଯାଇଥିବା ପଦୋନ୍ନତି ରେ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରା ଯାଇନାହିଁ। ଏହାକୁ ନେଇ ପରିଷଦ ଅସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିବାକୁ ସ୍ଥିର କରିଛି। ଅନ୍ୟପକ୍ଷରେ ରାଜ୍ୟ ପରିଷଦର ନିଷ୍ପତ୍ତି ଓ ଜିଲ୍ଲା ଶାଖାର କାର୍ଯ୍ୟକାଳ ପୂରଣ ହୋଇଥିବାରୁ ନୂତନ କର୍ମକର୍ତ୍ତା ଚୟନ ସହ ଜିଲ୍ଲା ଶାଖାର ପୁନର୍ଗଠନ କରାଯାଇଥିଲା। ଏଥିରେ ଅମର ତାଣ୍ଡିଆ ସଭାପତି, ଚେରୁ ପାତ୍ର ଉପସଭାପତି ଓ ଧ୍ରୁବ ଚରଣ ରୋହିଦାସ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ମଧୁସୂଦନ ମୁଣ୍ଡା, ରବି ମିର୍ଧା, ଦାମୋଦର ମହାନନ୍ଦ, ପଦ୍ମାବତୀ ମେହେର, ଯୁଧିଷ୍ଠିର ମାଝୀ ଓ ଘାମୋଦର ମେହେର ସମ୍ପାଦକ ଏବଂ ରାଜେଶ ଭୋଇ ଅଡିଟର ଭାବେ ମନୋନୀତ ହୋଇଛନ୍ତି। ଏଥିସହ ବିଭିନ୍ନ ବ୍ଲକ୍ରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ୨୫ ଜଣ କର୍ମଚାରୀଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ପରିଷଦର ୩ଏଲ୍? ମିଶନ, ଓଆର୍ଭି ଆଇନର ସଂଶୋଧନ, କର୍ମଚାରୀଙ୍କ ପଦୋନ୍ନତି ଏବଂ କର୍ମକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନୂତନ କମିଟି ଗୁରୁତ୍ୱ ଦେଇ କାର୍ଯ୍ୟ କରିବ ବୋଲି ସଦସ୍ୟମାନେ ମତ ଦେଇଥିଲେ। ବୈଠକ ରେ ଜିଲ୍ଲା ସଂଯୋଜକ ବଣ୍ଟି ସୁନାଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଧ୍ରୁବ ଚରଣ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଆଲ ପରବ ଭେଟ୍ଘାଟ ପାଇଁ ଡମ୍ ସମାଜର ସାମ୍ବାଦିକ ସମ୍ମିଳନୀ



୨୬ରେ ବାର୍ଷିକ ସମାବେଶ, ସାଂସ୍କୃତିକ ସ୍ୱୀକୃତି ଓ ସାମାଜିକ ନ୍ୟାୟକୁ ଗୁରୁତ୍ୱ

ରାୟଗଡ଼ା, ୨୨/୧୧ (ନି.ପ୍ର): ନଭେମ୍ବର ୨୬ ତାରିଖରେ ୭୭ ତମ ସମ୍ବିଧାନ ଦିବସ ପାଳନ ଅବସରରେ ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହେଉଛି ୪ର୍ଥ ଦିଆଲ ପରବ ଭେଟ୍ଘାଟ୍୨୦୨୬। ଏହାର ପ୍ରସ୍ତୁତି ସମ୍ପର୍କରେ ରାୟଗଡ଼ା ଜିଲ୍ଲା ଡମ୍ ସମାଜ ପକ୍ଷରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଡମ୍ ସମାଜର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ, ସାମାଜିକ ଏକତା, ସାମ୍ବିଧାନିକ ଅଧିକାର ସହ ସମାନତା ଓ ନ୍ୟାୟ ପ୍ରତିଷ୍ଠା ଏହି ସମାବେଶର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜର ଏହି ପାରମ୍ପରିକ ପର୍ବ ପରିବାର, ସାମାଜିକ ସମ୍ପର୍କ ଓ ସାମୂହିକ ଏକତାର ପ୍ରତୀକ। ଡମ୍ ବାଜା, ଦେଶିଆ ଗୀତ, ଲୋକନୃତ୍ୟ ଓ ପାରମ୍ପରିକ ରୀତିନୀତି ସମାଜର ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ। ଏହି ଐତିହ୍ୟର ସଂରକ୍ଷଣ ଓ ଆଗାମୀ ପିଢ଼ି ନିକଟରେ ଏହାକୁ ପହଞ୍ଚାଇବା ଉପରେ ସମାବେଶରେ ଗୁରୁତ୍ୱ ଦିଆଯିବ। ସାମ୍ବାଦିକ ସମ୍ମିଳନୀରେ ଡମ୍ ସମାଜର ଶିକ୍ଷା, ନିଯୁକ୍ତି, ଆବାସ, ଜୀବିକା ଓ ରାଜନୈତିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଅଧିକ ସୁଯୋଗ ପ୍ରଦାନ ସହ ଭୂମିହୀନ ପରିବାରଙ୍କୁ ଘରଡିହ ଯୋଗାଣ ଏବଂ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ଦାବି ହୋଇଛି। ଏଥିସହ ଦିଆଲ ପରବ ପାଇଁ ସ୍ୱତନ୍ତ୍ର ସରକାରୀ ଛୁଟି ଘୋଷଣା, ଡମ୍ ସାଂସ୍କୃତିକ ବିକାଶ ପରିଷଦ ଗଠନ, ସାଂସ୍କୃତିକ ଐତିହ୍ୟକୁ ସରକାରୀ ସ୍ୱୀକୃତି, ଶିକ୍ଷା କ୍ଷେତ୍ରରେ ସୁବିଧା ବୃଦ୍ଧି, ସମାଜର ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ବଜେଟ୍ ଆଦି ବ୍ୟବସ୍ଥା କରିବାକୁ ଓଡ଼ିଶା ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ସମାବେଶରେ ରାୟଗଡ଼ା ଜିଲ୍ଲାର ୧୧ ଗୋଟି ବ୍ଲକରେ ଥିବା ଡମ୍ ସମାଜର ପ୍ରାୟ ୬୦ ରୁ ୮୦ ହଜାର ଲୋକ ଯୋଗ ଦେବେ। ଫଳରେ ଏହା ସାଂସ୍କୃତିକ ଅଭିବ୍ୟକ୍ତି, ସାମାଜିକ ଏକତା ଓ ସମାଜର ନ୍ୟାଯ୍ୟ ଦାବି ଉପସ୍ଥାପନ ପାଇଁ ଏକ ବୃହତ୍ ମଞ୍ଚ ହେବ ବୋଲି ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା ଡମ୍ ସମାଜର ସଭାପତି ଧନୀରାମ ନାୟକ, ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଗରଡ଼ା, କୋଷାଧ୍ୟକ୍ଷ ପୁରନ୍ଦର ପାଣି, ଉପଦେଷ୍ଟା ଅଭିମନ୍ୟୁ କନ୍ଧପାଣି ପ୍ରମୁଖ ଉପସ୍ଥିତ ଥିଲେ ।

# ଡିସେମ୍ବର ୧୫ରୁ ଖୋଲିବ ଧାନ ମଣ୍ଡି

## କଟନି ଛଟନି ରୋକିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହେବ



କୋରାପୁଟ, ୨୨/୧୧ (ନି ପ୍ର): ଚଳିତ ଖରିଫ ବିପଣନ ଋତୁରେ ଆସନ୍ତା ଡିସେମ୍ବର ୧୫ ତାରିଖରୁ କୋରାପୁଟ ଜିଲ୍ଲାରେ ଆରମ୍ଭ ହେବ ଧାନ ସଂଗ୍ରହ। ଏନେଇ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଚାଷୀଙ୍କ ଠାରୁ ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ, ଶୃଙ୍ଖଳିତ ଓ ଅବାଧ କରିବା ପାଇଁ ବୈଠକରେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ କଟନି ଛଟନିକୁ ରୋକିବା ଏବଂ ମିଲରଙ୍କ ଷ୍ଟକ୍ ଯାଞ୍ଚକୁ ସୁନିଶ୍ଚିତ କରିବା ପ୍ରଶାସନ ପାଇଁ ଏକ ବଡ଼ ପରୀକ୍ଷା ହେବାକୁ ଯାଉଛି।ବୈଠକରେ ଚାଷୀ ପଞ୍ଜୀକରଣ, ଟୋକନ୍ ବ୍ୟବସ୍ଥା, ଧାନର ମାନ ଯାଞ୍ଚ, ଧାନ ସଂଗ୍ରହର ସମୟସୀମା ଏବଂ ଚାଷୀଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ପ୍ରଦାନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ମଣ୍ଡିକୁ ଆସୁଥିବା ଚାଷୀଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ, ବିଶ୍ରାମ ଗୃହ ଓ ଛାୟା ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।ତେବେ ପ୍ରତିବର୍ଷ ଧାନ ସଂଗ୍ରହ ସମୟରେ ଚାଷୀଙ୍କୁ ସବୁଠାରୁ ଅଧିକ ଚିନ୍ତାରେ ପକାଉଥିବା କଟନି ଛଟନି ସମସ୍ୟା ଏଥର କିପରି ରୋକାଯିବ, ତାହା ଏବେ ବଡ଼ ପ୍ରଶ୍ନ। ଧାନର ଆର୍ଦ୍ରତା, ମାନ ଓ ଅନ୍ୟାନ୍ୟ କାରଣ ଦର୍ଶାଇ ମଣ୍ଡିରେ ଚାଷୀଙ୍କ ଧାନରୁ ଅନଧିକୃତ ଭାବେ କାଟିବାର ଅଭିଯୋଗ ଯଦି ଆସେ, ତେବେ ତାହାର ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କିଏ ନେବ ମଣ୍ଡିରେ ଧାନର ମାନ ଯାଞ୍ଚ ପାଇଁ କେଉଁ ଅଧିକାରୀ ଦାୟିତ୍ୱରେ ରହିବେ ଚାଷୀଙ୍କ ଅଭିଯୋଗ ଶୁଣି

# କେନ୍ଦ୍ରୀୟ ଭାରତ ଓ ପୂର୍ବଘାଟ ବ୍ୟାଘ୍ର ଅଞ୍ଚଳର ସଂଯୋଗସ୍ଥଳୀ ଭାବେ ଗୁରୁତ୍ୱ ବଢ଼ାଉଛି ଅଭୟାରଣ୍ୟ



ସମ୍ବଲପୁର, ୨୨।୧୧(ନିପ୍ର) ଦେବ୍ରିଗଡ଼ ଅଭୟାରଣ୍ୟ ରେ ରବିବାର ସକାଳେ ସଫାରି ସମୟରେ ଏକ ମହାବଳ ବାଘ ଦେଖିବାକୁ ମିଳିଛି। ବାଘକୁ ତାହାର ପ୍ରାକୃତିକ ପରିବେଶରେ ଦେଖି ପର୍ଯ୍ୟଟକ ମାନେ ଉତ୍ସାହିତ ହୋଇଥିଲେ। ଗତ କିଛି ଦିନ ମଧ୍ୟରେ ଦେବ୍ରିଗଡ଼ରେ ବାଘ ଦର୍ଶନ ପର୍ଯ୍ୟଟକଙ୍କ ପାଇଁ ଏକ ବିଶେଷ ଆକର୍ଷଣ ପାଲଟିଛି। କେବଳ ପର୍ଯ୍ୟଟନ ନୁହେଁ, ବନ୍ୟପ୍ରାଣୀଙ୍କ ସ୍ୱାଭାବିକ ଚଳପ୍ରଚଳ ଦୃଷ୍ଟିରୁ ମଧ୍ୟ ଦେବ୍ରିଗଡ଼ର ଗୁରୁତ୍ୱ ବଢ଼ିଛି। କେନ୍ଦ୍ରୀୟ ଭାରତ ଓ ପୂର୍ବଘାଟର ଦୁଇଟି ପ୍ରମୁଖ ବ୍ୟାଘ୍ର ଆବାସସ୍ଥଳୀ ମଧ୍ୟରେ ଏହା ଏକ ପରିବେଶଗତ ସଂଯୋଗସ୍ଥଳୀ ଭାବେ କାର୍ଯ୍ୟ କରିବାର ସମ୍ଭାବନା ରଖିଛି। ଏଠାକୁ ବାଘଙ୍କ ସ୍ୱାଭାବିକ ଆଗମନ ଓ ବନ୍ୟ କୁକୁରଙ୍କ ବଂଶ ବୃଦ୍ଧି ଏହାର ଅନୁକୂଳ ପରିବେଶକୁ ପ୍ରତିଫଳିତ କରୁଛି ବୋଲି ଡିଏଫ୍ଓ (ବନ୍ୟପ୍ରାଣୀ) ଅଂଶୁ ପ୍ରଜ୍ଞା ଦାସ କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଗତ ଚାରି ବର୍ଷ ମଧ୍ୟରେ ଦୁଇଥର ବାଘଙ୍କ ସ୍ୱାଭାବିକ ଆଗମନ ରେକର୍ଡ କରାଯାଇଛି। ୨୦୨୨ ଡିସେମ୍ବର ରେ ପ୍ରାୟ ୭ ବର୍ଷ ବୟସ୍କ ଏକ ଅଣ୍ଡିରା ବାଘ ଆସି ୨୦୨୪ ପର୍ଯ୍ୟନ୍ତ ଏଠାରେ ରହିଥିଲା। ଚଳିତ ନଭେମ୍ବର ୯ ତାରିଖରେ ପ୍ରାୟ ୫ ବର୍ଷ ବୟସ୍କ ଅନ୍ୟ ଏକ ଅଣ୍ଡିରା ବାଘର ଉପସ୍ଥିତି ଜଣାପଡ଼ିଥିଲା। ଏହାକୁ ମଧ୍ୟ ସଫାରି ସମୟରେ ପର୍ଯ୍ୟଟକ ମାନେ ଦେଖିବାର ସୁଯୋଗ ପାଇଥିଲେ।ସେହିପରି ଦେବ୍ରିଗଡ଼ରେ ବନ୍ୟ କୁକୁର ବା ଢୋଲ୍‌କ ଏକ ପ୍ରଜନନକ୍ଷମ ଦଳ ଗଠନ ହେବା ଆଉ ଏକ ଉଲ୍ଲେଖନୀୟ ଘଟଣା। ୨୦୨୩ ରେ ଛତିଶଗଡ଼ ପଟୁ ଏକ ଅଣ୍ଡିରା ବନ୍ୟ କୁକୁର ଆସିଥିବା ବେଳେ ୨୦୨୪ରେ ଏକ ମାଈ ବନ୍ୟ କୁକୁର ଏଠାରେ ପହଞ୍ଚିଥିଲା। ପରେ ଉଭୟଙ୍କ ଠାରୁ ଦୁଇଟି ଶାବକ ଜନ୍ମ ହୋଇଥିଲେ। ବର୍ତ୍ତମାନ ଅଭୟାରଣ୍ୟ ରେ ଦୁଇଟି ବୟସ୍କ ଓ ଦୁଇଟି ଶାବକଙ୍କୁ ମିଶାଇ ଚାରିଟି ବନ୍ୟ କୁକୁର ରହିଛନ୍ତି। ବନ୍ୟଜନ୍ତୁଙ୍କ ପାଇଁ ଅନୁକୂଳ ଆବାସସ୍ଥଳୀ ସୃଷ୍ଟି ଲାଗି ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆ ଯାଇଛି। ୨୦୨୨ରୁ ୨୦୨୬ ମଧ୍ୟରେ ଅଭୟାରଣ୍ୟ ଭିତରେ ରହୁଥିବା ପ୍ରାୟ ୪୦୦ ପରିବାରର ୧୫୦୦ ଲୋକଙ୍କୁ ପୁନର୍ବାସ ଓ ଥଇଥାନ କରାଯାଇଛି। ୨୦୨୩ରୁ ଅଭୟାରଣ୍ୟ ମଧ୍ୟରେ ମାନବ ବସତି ନାହିଁ। ଏଥିସହ ଅଭୟାରଣ୍ୟର ପ୍ରାୟ ୯ ପ୍ରତିଶତ ଅଞ୍ଚଳରେ ଘାସ ପଡ଼ିଆ ଓ ମେଡୋର ପୁନରୁଦ୍ଧାର କରାଯାଇଛି। ସାତ ପ୍ରକାରର ବନ୍ୟଜନ୍ତୁ ଆବାସସ୍ଥଳୀର ବିକାଶ ସହ ତୃଣଭୋଜୀ ପ୍ରାଣୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତା ବୃଦ୍ଧି କରାଯାଉଛି। ଅଭୟାରଣ୍ୟ ରେ ଗୟଳ ସଂଖ୍ୟା ୮୫୦ରୁ ଅଧିକ ଆକଳନ କରାଯାଇଛି। କେବଳ ସଫାରି ଅଞ୍ଚଳରେ ୧୦୦ରୁ ଅଧିକ ଗୟଳ ରହିଛନ୍ତି। ଏହାବ୍ୟତୀତ ସମ୍ବର, ଚିତଳ, କଳରାପତରିଆ ବାଘ ଓ ଭାଲୁଙ୍କ ଉପସ୍ଥିତି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ବନ୍ୟପ୍ରାଣୀ ସଂରକ୍ଷଣ ସହ ସ୍ଥାନୀୟ ଲୋକଙ୍କ ଜୀବିକାକୁ ଯୋଡ଼ିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ସଫାରି, ବୋଟିଂ, ପ୍ରକୃତି ବ୍ୟାଖ୍ୟାନ ଓ ଆତିଥ୍ୟ ସେବା ମାଧ୍ୟମରେ ପ୍ରାୟ ୧୫୦ ଜଣ ସ୍ଥାନୀୟ ଲୋକ ରୋଜଗାର ପାଉଛନ୍ତି। ଗୋବିନ୍ଦପୁର ବାର୍ଡସ୍ ଭିଲେଜ୍, ବରବଖ୍ରା ଓ ଧୋଡ୍ରୋକୁସୁମ୍ ଗ୍ରୀନ୍ ଭିଲେଜ୍ ଭଳି ପଦକ୍ଷେପ ମାଧ୍ୟମରେ ପରିବେଶ ସୁରକ୍ଷା ଓ ଜନସଚେତନତା ସୃଷ୍ଟି କରାଯାଉଛି। ଏଥିସହ ୩୮ଟି ସ୍କୁଲ ଓ କଲେଜ ଏବଂ ୬୭ଟି ଇକୋ ଡେଭଲପମେଣ୍ଟ କମିଟିକୁ ନେଇ 'ଦେବ୍ରିଗଡ଼ ଅଭିନନ୍ଦନ' କାର୍ଯ୍ୟକ୍ରମ ଚାଲୁ ରହିଛି। ହୀରାକୁଦ ଜଳଭଣ୍ଡାରର ମନୋରମ ପରିବେଶ ଓ ସମୃଦ୍ଧ ବନ୍ୟଜନ୍ତୁ ସମ୍ପଦ ଯୋଗୁଁ ଦେବ୍ରିଗଡ଼ ଏକ ପ୍ରମୁଖ ପ୍ରକୃତି ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହେଉଛି। ତେବେ ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ପାଇଁ ଜଙ୍ଗଲ ସଂଯୋଗସ୍ଥଳୀର ସୁରକ୍ଷା, ଶିକାର ରୋକିବା ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ହ୍ରାସ ଉପରେ ଆଗାମୀ ଦିନରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ୨୫ରୁ ମହାଦେବ ଫୁଟବଲ ପ୍ରତିଯୋଗିତା

ଧର୍ମଗଡ଼,୨୨/୧୧(ନିପ୍ର) ଧର୍ମଗଡ଼ ବ୍ଲକ ତରାପୁରଠାରେ ମହାଦେବ ୟୁଥ୍ କ୍ଲବ ଆନୁକୂଲ୍ୟରେ ମହାଦେବ ଫୁଟବଲ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆସନ୍ତା ନଭେମ୍ବର ୨୫ ତାରିଖରୁ ଆରମ୍ଭ ହେବ। ତାରାପୁର ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି ଡିସେମ୍ବର ୨ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ବିଜେତା ଦଳକୁ ୧୨ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଫୁଟବଲ ଖେଳର ପ୍ରଚାର ଓ ପ୍ରସାର ସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାବେଳେ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ମହାଦେବ ୟୁଥ୍ କ୍ଲବର ସଦସ୍ୟମାନେ ପ୍ରସ୍ତୁତିରେ ଲାଗିପଡିଛନ୍ତି।

# ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

## ୧୭୪ କୋଟି ଟଙ୍କା ବ୍ୟୟରେ ୫ ପ୍ରକଳ୍ପର ଶୁଭାରମ୍ଭ

## ସହିଦଙ୍କ ତ୍ୟାଗ ଓ ବଳିଦାନ ନୂଆ ପିଢ଼ି ପାଇଁ ପ୍ରେରଣାଦାୟୀ: ମନ୍ତ୍ରୀ



**କୋରାପୁଟ,** ୨୨।୧୧ (ନିପ୍ର): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଅମର ସହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିରେ ବିକାଶର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ତାଙ୍କ ୧୨୭ତମ ଜୟନ୍ତୀ ଅବସରରେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକର ତେନ୍ତୁଳିଗୁମ୍ମାରେ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ପାଳନ ସହ ୧୭୪ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମନ୍ତ୍ରୀ ଶ୍ରୀ ନାୟକ କହିଲେ ଯେ ସହୀଦ ଲକ୍ଷ୍ମଣ ନାୟକ ଥିଲେ ଜଣେ ଅଦମ୍ୟ ସାହସୀ ସଂଗ୍ରାମୀ। ତାଙ୍କର ଦେଶପ୍ରେମ, ସାହସ, ତ୍ୟାଗ ଓ ବଳିଦାନ ଇତିହାସରେ ଚିରସ୍ମରଣୀୟ ହୋଇ ରହିବ। ଦେଶର ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରିଥିବା ଏହି ମହାନ ବିପ୍ଳବୀଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ। ତେନ୍ତୁଳିଗୁମ୍ମା ଅଞ୍ଚଳର ରାସ୍ତାଘାଟ ଓ ପାନୀୟ ଜଳ ସମସ୍ୟାର ସମାଧାନକୁ ପ୍ରାଥମିକତା ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ଦ୍ୱାରା ୧୭୪ କୋଟି ଟଙ୍କାର ୫ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା।। କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡ଼କାମୀ, ଜୟପୁର ଉପଜିଲ୍ଲାପାଳ ଶୁଭ୍ରା ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ସବର, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ବିଡିଓ ସୁବ୍ରତ ସାହୁ, ବିଏସଏଫ୍ କମ୍ପାନୀ କମାଣ୍ଡର ଦୀପକ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସହୀଦ ଲକ୍ଷ୍ମଣ ନାୟକଙ୍କ ନାତି ତଥା ଗ୍ରାମ ମୁଖିଆ ବନସିଂ ନାୟକ ଓ ନାତି ବଂଶୀଧର ନାୟକ, ତେନ୍ତୁଳିଗୁମ୍ମା ସରପଞ୍ଚ ସଙ୍ଗତି ନାୟକ, ସମିତି ସଭ୍ୟ ଶଶୀ ପୂଜାରୀ, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ପ୍ରମୁଖଙ୍କ ସମେତ ବହୁ ଜନପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ। ସମାରୋହରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଗିଡ଼ିପାବାଲିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି



ଜି.ଉଦୟଗିରି,୨୨।୧୧(ନିପ୍ର): ପ୍ରକୃତିର କୋପରେ ଛାରଖାର ଗିଡ଼ିପାବାଲି ଗାଁ ଆଜି ସ୍ମୃତି ପାଲଟିଛି। ଭୟାବହ ଭୂସ୍ଖଳନରେ ନିଶ୍ଚିହ୍ନ ହୋଇ ଯାଇଥିବା ଉକ୍ତ ଗାଁକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ଦାବି ହୋଇଛି। ଗିଡ଼ିପାବାଲିର ଇତିହାସ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଦୁଃଖଦ ସ୍ମୃତିକୁ ସାଇତି ରଖିବା ଉଦ୍ଦେଶ୍ୟରେ ଏହାକୁ ଜାତୀୟ ପର୍ଯ୍ୟଟନ ସ୍ମୃତି କେନ୍ଦ୍ର ଭାବେ ମାନ୍ୟତା ଦେବାକୁ ଲିଖିତ ନିବେଦନ କରାଯାଇଛି। ସୂଚନା ଅନୁଯାୟୀ, କତିଙ୍ଗିଆ ଓ ମାଣିକେଶ୍ୱର ପଞ୍ଚାୟତର ସୀମାରେ ଅବସ୍ଥିତ ଗିଡ଼ିପାବାଲି କେରୋଗାଡୁ ଅଞ୍ଚଳ ଭୌଗୋଳିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ଆକର୍ଷଣୀୟ। ପ୍ରାକୃତିକ ପରିବେଶ, ପାହାଡ଼, ଜଙ୍ଗଲ, ଝରଣା ଏବଂ ଆଦିବାସୀ ସଂସ୍କୃତି ଏହି ଅଞ୍ଚଳକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରାଗଲେ ଅଞ୍ଚଳର ପରିଚୟ ବଜାୟ ରହିବା ସହ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇପାରିବ। ଗିଡ଼ିପାବାଲିରେ ଦିନେ ଅନେକ ପରିବାର ହସଖୁସିରେ ଜୀବନ ଯାପନ କରୁଥିଲେ। ଭୂସ୍ଖଳନ ସେମାନଙ୍କ ଘରଦ୍ୱାର, ସ୍ୱପ୍ନ ଓ ସଂସାରକୁ ଉଜାଡ଼ି ଦେଇଛି। ଏହି ଦୁଃଖଦ ଘଟଣା ଆଗାମୀ ପିଢ଼ି ପାଇଁ ଏକ ସ୍ମୃତି ଓ ଚେତାବନୀ ହୋଇ ରହିବା ଆବଶ୍ୟକ। ଏହି ସ୍ଥାନରେ ସ୍ମୃତି ସଂରକ୍ଷଣ କରାଯିବା ସହ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ବିଭାଗ, ପର୍ଯ୍ୟଟନ ମନ୍ତ୍ରୀ, କନ୍ଧମାଳ ଜିଲ୍ଲାପାଳ, ଜି.ଉଦୟଗିରି ବିଡିଓ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନିକଟସ୍ଥ କିଲାପାଙ୍ଗା ଗ୍ରାମରୁ ଗିଡ଼ିପାବାଲି କେରୋଗାଡୁ ପର୍ଯ୍ୟନ୍ତ ପ୍ରାୟ ୪ କିମି ରାସ୍ତାକୁ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ମଞ୍ଜୁରୀ ପ୍ରଦାନ କରିବାକୁ ଦାବି ହୋଇଛି। ଏହି ଦାବିକୁ ସରକାର ଓ ପ୍ରଶାସନ କେତେ ଗୁରୁତ୍ୱ ଦେଉଛନ୍ତି ତାହାକୁ କୁରୁବାଡା, ସିପାଏନ୍ଚୁ, ବାଲିଙ୍ଗିଆ, କୀଲାପାଙ୍ଗା, ଟିଆଙ୍ଗିଆ, କତିଙ୍ଗିଆ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି।

# ୩୦ରୁ ମଣ୍ଡି ଖୋଲିବ ଧାନ ସଂଗ୍ରହ ନେଇ ଜିଲ୍ଲାସ୍ତରୀୟ ବୈଠକ



ବରଗଡ଼୨୨।୧୧(ନିପ୍ର): ଆସନ୍ତା ନଭେମ୍ବର ୩୦ ତାରିଖରୁ ବରଗଡ଼ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିବା ଏହାକୁ ନେଇ ସୁବ୍ୟବସ୍ଥିତ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆଜି ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି।ଚଳିତ ବର୍ଷ ଚାଷୀମାନେ କିପରି ସରକାରୀ ମଣ୍ଡିରେ ବିନା ଅସୁବିଧାରେ ନିଜର ଧାନ ବିକ୍ରି କରିପାରିବେ ଏବଂ ଅଧିକରୁ ଅଧିକ ଧାନ ସଂଗ୍ରହ ହୋଇପାରିବ, ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ମଣ୍ଡିରେ ଆବଶ୍ୟକୀୟ ବ୍ୟବସ୍ଥା, ଧାନ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା, ଚାଷୀଙ୍କ ସୁବିଧା ଓ ଧାନ ସଂଗ୍ରହରେ ପ୍ରଶାସନିକ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଚାଷୀଙ୍କ ଦୀର୍ଘଦିନର ପରିଶ୍ରମର ଉପଯୁକ୍ତ ମୂଲ୍ୟ କିପରି ସେମାନଙ୍କୁ ମିଳିବ ଏବଂ ମଣ୍ଡିରେ ଧାନ ବିକ୍ରି ସମୟରେ ଯେପରି କୌଣସି ଅବ୍ୟବସ୍ଥା ନ ହେବ, ସେଥିପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ମିଲରଙ୍କ ମଧ୍ୟରେ ସମନ୍ୱୟ ରଖିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।ଏହି ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିୟା, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ସମେତ ମାନୀନୀ ଭୋଇ, ଗୋବର୍ଦ୍ଧନ ଭୋଇ ଓ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଉପସ୍ଥିତ ଥିଲେ। ଏଥିସହ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀ, ଚାଷୀ, ମିଲର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।ଆସନ୍ତା ୩୦ ତାରିଖରୁ ମଣ୍ଡି ଖୋଲିବାକୁ ଥିବାରୁ ଚାଷୀମାନେ ନିଜ ଧାନ ବିକ୍ରିପାଇଁ ପ୍ରସ୍ତୁତ ହେଉଥିବାବେଳେ ମଣ୍ଡି ପରିଚାଳନାରେ ପ୍ରଶାସନର ପ୍ରସ୍ତୁତି ଓ ସୁବ୍ୟବସ୍ଥା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଭାରୀଯାନ ଚଳାଚଳରେ କଟକଣା ହାଲୁକା ଯାନକୁ ଅନୁମତି



ଦାରିଙ୍ଗବାଡ଼ି, ୨୨/୧୧ (ନିପ୍ର): ବାତ୍ୟା 'ଅକ୍ୱାନ'କୁ ଦୃଷ୍ଟିରେ ରଖି ଗାଜଲବାଡ଼ି ଘାଟିରେ ଯାତ୍ରୀବାହୀ ବସ୍ ଓ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି ରହିଛି। ତେବେ ହାଲୁକା ଯାନ ଚଳାଚଳ ସ୍ୱାଭାବିକ ରହିଛି। ଆସନ୍ତା ଦୁଇଦିନ ମଧ୍ୟରେ ଭାରୀଯାନ ଚଳାଚଳ ପାଇଁ ଅନୁମତି ମିଳିବ। ଆଶା କରାଯାଉଛି।ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଘାଟିରେ ଭୂସ୍ଖଳନ ହୋଇ ପଥର ଓ ଗଛ ପଡ଼ିବାରୁ ରାସ୍ତା ବନ୍ଦ ହୋଇଥିଲା। ପରେ ଅସ୍ଥାୟୀ ରାସ୍ତା ଓ ପୋଲ ନିର୍ମାଣ ପରେ ହାଲୁକା ଯାନ ଚଳାଚଳ ଆରମ୍ଭ ହୋଇଥିଲେ ମଧ୍ୟ ଗଞ୍ଜାମକନ୍ଧମାଳ ସଂଯୋଗୀକରଣ ରାସ୍ତାର ସ୍ଥାୟୀ ମରାମତି ବିଳମ୍ବ ହେଉଥିବାରୁ ଭାରୀଯାନ ଚଳାଚଳ ଅଟକି ରହିଛି।

# ଉନ୍ନୟନ କାର୍ଯ୍ୟ ତୁରନ୍ତ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଦେବଗଡ଼ ତା ୨୧.୧୧(ନିପ୍ର) ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଏବଂ ବ୍ଲକ ରେ ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ଉପରେ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାର ଓ ବ୍ଲକର ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯଥା ଚିକିତ୍ସା ବିଭାଗ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,ସବ୍ ସେଣ୍ଟର,ପଶୁ ଚିକିତ୍ସା ବିଭାଗ ଦ୍ୱାରା ପ୍ରାଣୀ ସହାୟତା କେନ୍ଦ୍ର ,ଶିକ୍ଷା ବିଭାଗ ଦ୍ୱାରା ଶ୍ରେଣୀ ଗୃହ ମରାମତି ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଉନ୍ନତି କରଣ,ବନ ବିଭାଗ ,ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ,ଉଦ୍ୟାନ ବିଭାଗ, ଜଳ ଛାୟା ବିଭାଗ ,ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ର,ପ୍ରକଳ୍ପ ପ୍ରଶାସିକା ବିଭାଗ ,ପଞ୍ଚାୟତ ବିଭାଗ, ପାଉଡ଼ି ଭୁୟାଁ ବିଭାଗ ଦ୍ୱାରା ଜିଲ୍ଲା ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଭାଗବତ ମଣ୍ଡପ, ସିସି ରୋଡ, କମ୍ୟୁନିଟୀ ସେଣ୍ଟର, କାର୍ଯ୍ୟ ଗୁଡ଼ିକ ତୁରନ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ।ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରାଜେନ୍ଦ୍ର ମିଞ୍ଜ,ପ୍ରୋଗ୍ରାମ ମ୍ୟାନେଜର ଆଶିଷ କୁମାର ବାରିକ,ପ୍ରୋଗ୍ରାମ ମ୍ୟାନେଜର ଅନନ୍ତ କୁମାର ବେହେରା,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ

### ପ୍ରଥମ ଟେଷ୍ଟ: ନ୍ୟୁଜିଲ୍ୟାଣ୍ଡ ବିରୁଦ୍ଧରେ ନିଆରା ରେକର୍ଡ

# ୭୨୦/୯ରେ ଭାରତର ପାଳି ଘୋଷଣା



ୱେଲିଂଟନ୍,୨୨।୧୧(ଏଜେନ୍ସି): ସ୍ଥାନୀୟ ବେସିନ ରିଜର୍ଭ ପଡ଼ିଆରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚରେ ଭାରତ ପ୍ରଥମ ଇନିଂସରେ ରେକର୍ଡଭରା ବିଶାଳ ସ୍କୋର୍ ୭୨୦/୯ରେ ପ୍ରଥମ ପାଳି ଘୋଷଣା କରିଛି। ଫଳରେ ପ୍ରଥମ ପାଳିରେ ୩୬୮ ରନ୍ କରିଥିବା ନ୍ୟୁଜିଲାଣ୍ଡ ୩୫୨ ରନ୍ ପଛରେ ପଡ଼ିଥିବା ବେଳେ ରବିବାରର ଷଷ୍ଠ ଅପସାରଣ ବେଳକୁ ଦ୍ୱିତୀୟ ଇନିଂସରେ ୨ୱିକେଟ୍ ହରାଇ ୧୧୯ ରନ୍ କରି ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ ଜାରି ରଖିଛ। ଡେଭନ କନୱେ (୫୯*) ଓ ରାଚିନ ରବୀନ୍ଦ୍ର (୨୭*) ତୃତୀୟ ବ୍ୟାଟିଂ ଜାରି ରଖିଛନ୍ତା। ଅଧିନାୟକ ଟମ୍ ଲାଥମ (୦) ପୁଣି ଖାତା ଖୋଲିବା ପୂର୍ବରୁ ଯଶପ୍ରୀତ ବୁମ୍ରାଙ୍କ ବଲରେ ଆଉଟ୍ ହୋଇଥିଲେ।ସେହିପରି ପ୍ରଥମ ପାଳିରେ ଅପରାଜିତ ୧୭୫ ରନ୍ କରିଥିବା ହେନରି ନିକୋଲ୍ସ (୩୧)ଙ୍କୁ ପ୍ରସିଦ୍ଧ କୃଷ୍ଣ ପ୍ୟାଭିଲିୟନ୍ ପଠାଇଛନ୍ତି।

ତୃତୀୟ ଦିନର ସ୍କୋର୍ ୪୮୬/୪ରୁ ଖେଳ ଆରମ୍ଭ କରିଥିବା ଭାରତ ଏଥିରେଆଉ ୨୩୪ ରନ୍ ଯୋଡ଼ି ନ୍ୟୁଜିଲାଣ୍ଡ ମାଟିରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଦଳଗତ ସ୍କୋର କରିଥିଲା। ଏହା ମଧ୍ୟ ଭାରତର ତୃତୀୟ ସର୍ବୋଚ୍ଚ ଦଳଗତ ସ୍କୋର୍। ଭାରତର ଏହି ପାଳିରେ ପ୍ରଥମ ୭ ୱିକେଟ୍ ପାଇଁ ସତୁ ଭାଗୀଦାରିରେ ୫୦ରୁ ଅଧିକ ରନ୍ ହେବା ଟେଷ୍ଟ କ୍ରିକେଟ୍ରେ ପ୍ରଥମ ଥର ଦେଖିବାକୁ ମିଳିଥିଲା। ନାଇଟ୍ ୱାଚମ୍ୟାନ୍ ଅଂଶୁଲ କମ୍ବୋଜ (୩୮*)ଙ୍କୁ ଗ୍ଲେନ୍ ଫିଲିପ୍ସ ଆଉଟ୍ କରି ରବିବାର ନ୍ୟୁଜି ଲା।ଣ୍ଡକୁ ପ୍ରଥମ ସଫଳତା ଦେଇଥିଲେ।ଏହାପୂର୍ବରୁ କମ୍ବୋଜ ଓ ଋଷଭ ପନ୍ତ ୬୮ ରନ୍ ଯୋଡ଼ିଥିଲେ।

ଏହାପରେ ପନ୍ତ ନିଜର ନବମ ଟେଷ୍ଟ ଶତକ ହାସଲ କରିବା ସହ ଧ୍ରୁବ ଜୁରେଲଙ୍କ ସହ ଆଉ ଏକ ଅର୍ଦ୍ଧଶତକୀୟ (୭୫ ରନ୍) ଭାଗୀଦାର କରିଥିଲେ। ପନ୍ତ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ୧୫୩ ବଲରୁ ୧୨୮ (୧୦ ଚୌକା, ୬ ଛକା) ରନ୍ କରି ରାଚିନ ରବୀନ୍ଦ୍ରଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ୱାସିଂଟନ ସୁନ୍ଦର ୨୪, ଆକାଶ ଦୀପ ୨ ଛକା ସହ ୫ ବଲରୁ ୧୩ ଓ ଧ୍ରୁବ ଜୁରେଲ ୭୮(୭୯ ବଲ୍, ୭ ଚୌକା, ୧ ଛକା) ରନ କରି ଆଉଟ୍ ପରେ ଅଧିନାୟକ ଗିଲ୍ ପାଳି ଘୋଷଣା କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୩ ଓ ରାଚିନ ରବୀନ୍ଦ୍ର ୨ ୱିକେଟ୍ ନେଇଥିଲେ।ସଂକ୍ଷିପ୍ତ ସ୍କୋର: ନ୍ୟୁଜିଲାଣ୍ଡ ପ୍ରଥମ ପାଳି–୩୬୮। ଭାରତ ପ୍ରଥମ ପାଳି – ୧୬୬ ଓଭରରେ–୭୨୦/୯ ଘୋଷଣା (କେଏଲ୍ ରାହୁଲ ୧୩୬, ଋଷଭ ପନ୍ତ ୧୨୮, ଶୁବମନ ଗିଲ୍ ୯୮, ଯଶସ୍ୱୀ ଜୟସ୍ୱାଲ ୮୫, ଦେବଦତ୍ତ ପଡ଼ିକଲ ୮୦, ଧ୍ରୁବ ଜୁରେଲ ୭୮। ଭାଗୀଦାରିରେ ୫୦ରୁ ଅଧିକ ରନ୍ ହେବା ଟେଷ୍ଟ କ୍ରିକେଟ୍ରେ ପ୍ରଥମ ଥର ଦେଖିବାକୁ ମିଳିଥିଲା। ନାଇଟ୍ ୱାଚମ୍ୟାନ୍ ଅଂଶୁଲ କମ୍ବୋଜ (୩୮*)ଙ୍କୁ ଗ୍ଲେନ୍ ଫିଲିପ୍ସ ଆଉଟ୍ କରି ରବିବାର ନ୍ୟୁଜି ଲା।ଣ୍ଡକୁ ପ୍ରଥମ ସଫଳତା ଦେଇଥିଲେ।ଏହାପୂର୍ବରୁ କମ୍ବୋଜ ଓ ଋଷଭ ପନ୍ତ ୬୮ ରନ୍ ଯୋଡ଼ିଥିଲେ।

ଏହାପରେ ପନ୍ତ ନିଜର ନବମ ଟେଷ୍ଟ ଶତକ ହାସଲ କରିବା ସହ ଧ୍ରୁବ ଜୁରେଲଙ୍କ ସହ ଆଉ ଏକ ଅର୍ଦ୍ଧଶତକୀୟ (୭୫ ରନ୍) ଭାଗୀଦାର କରିଥିଲେ। ପନ୍ତ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ୧୫୩ ବଲରୁ ୧୨୮ (୧୦ ଚୌକା, ୬ ଛକା) ରନ୍ କରି ରାଚିନ ରବୀନ୍ଦ୍ରଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ୱାସିଂଟନ ସୁନ୍ଦର ୨୪, ଆକାଶ ଦୀପ ୨ ଛକା ସହ ୫ ବଲରୁ ୧୩ ଓ ଧ୍ରୁବ ଜୁରେଲ ୭୮(୭୯ ବଲ୍, ୭ ଚୌକା, ୧ ଛକା) ରନ କରି ଆଉଟ୍ ପରେ ଅଧିନାୟକ ଗିଲ୍ ପାଳି ଘୋଷଣା କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୩ ଓ ରାଚିନ ରବୀନ୍ଦ୍ର ୨ ୱିକେଟ୍ ନେଇଥିଲେ।ସଂକ୍ଷିପ୍ତ ସ୍କୋର: ନ୍ୟୁଜିଲାଣ୍ଡ ପ୍ରଥମ ପାଳି–୩୬୮। ଭାରତ ପ୍ରଥମ ପାଳି – ୧୬୬ ଓଭରରେ–୭୨୦/୯ ଘୋଷଣା (କେଏଲ୍ ରାହୁଲ ୧୩୬, ଋଷଭ ପନ୍ତ ୧୨୮, ଶୁବମନ ଗିଲ୍ ୯୮, ଯଶସ୍ୱୀ ଜୟସ୍ୱାଲ ୮୫, ଦେବଦତ୍ତ ପଡ଼ିକଲ ୮୦, ଧ୍ରୁବ ଜୁରେଲ ୭୮।

### ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଜାମସେଦଙ୍କ ଜଲୱା

# ୪ ବଲରେ ୪ ୱିକେଟ ଅକ୍ତିଆର



ଇନ୍ଦୋର,୨୨।୧୧(ଏଜେନ୍ସି): ସୟଦ ମୁସ୍ତାକ ଅଲ୍ଲୀ ଟି–୨୦ ଟ୍ରଫି ୨୦୨୬–୨୭ରେ ରେଲୱେ ପକ୍ଷରୁ ଖେଳୁଥିବା ୨୩ ବର୍ଷୀୟ ଦ୍ରୁତ ବୋଲର ଜାମସେଦ ଆଲମ। ନିଜ ପ୍ରଥମ ଟି–୨୦ ମ୍ୟାଚରେ ବିସ୍ମୟକର ବୋଲିଂ ପ୍ରଦର୍ଶନ କରି କ୍ରିକେଟ୍ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି । ସୌରାଷ୍ଟ୍ର ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚରେ ସେ କ୍ରମାଗତ ୪ଟି ବଲରେ ୪ ୱିକେଟ୍ ଅକ୍ତିଆର କରିବା ସହ ମାତ୍ର ୯ଟି ବଲରେ ୫ୱିକେଟ୍ ଅକ୍ତିଆର କରି ରେଲୱେକୁ ୨୯ ରନରେ ବିଜୟୀ କରାଇଛନ୍ତି। ଇନ୍ଦୋରର ଡାଲି କଲେଜ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ରେଲୱେ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଥିଲା । ସୌରାଷ୍ଟ୍ର ୧୮୩ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା। ସଫଳ ବୋଲର ଜମଶେଦ ଆଲମ ନିଜର ପ୍ରଥମ ତଥା ପାଳିର ଚତୁର୍ଥ ଓଭରରେ ଭୟଙ୍କର ବୋଲିଂ କରିଥିଲେ । ସେହି ଓଭରର ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବଲରେ ସେ ଯଥାକ୍ରମେ ହାର୍ଭିକ ଦେଶାଇ, ପ୍ରେରକ ମାନକଡ଼, ରୁଚିତ ଆହିର ଏବଂ ସନ୍ନର ଗଢ଼ରଙ୍କୁ ଆଉଟ୍ କରିଥିଲେ । ଏହା ପରେ ପରବର୍ତ୍ତୀ ଓଭରରେ ସିଦ୍ଧାର୍ଥ ରାଣାଙ୍କୁ ଆଉଟ୍ କରି ୫ୱିକେଟ୍ ସଫଳତା ପୂରଣ କରିଥିଲେ। ଫଳରେ ମାତ୍ର ୩୦ ରନ୍ ଭିତରେ ସୌରାଷ୍ଟ୍ରର ୬ୱିକେଟ୍ ପଡ଼ିଯାଇଥିଲା। ଟି–୨୦ ଡେବ୍ୟୁରେ ୫ୱିକେଟ୍ ନେବାରେ ଜମଶେଦ ଆଲମ ଷଷ୍ଠ ଭାରତୀୟ ବୋଲର ହୋଇଥିବା ବେଳେ ୧୦ରୁ କମ୍ ବଲରେ ୫ୱିକେଟ୍ ଅକ୍ତିଆର କରିବାରେ ସେ ପ୍ରଥମ ଭାରତୀୟ ବୋଲର ।

## ନ୍ୟୁଜିଲାଣ୍ଡ ବିପକ୍ଷ ହକି ସିରିଜ ଜିତିଲା ଭାରତ

ଅକଲାଣ୍ଡ,୨୨।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ହକି ସିରିଜ ଜିତଲା ଭାରତ। ରବିବାର ସ୍ଥାନୀୟ ଲୟଡ୍ ଏଲ୍ମୋର ହକି ଷ୍ଟାଡିୟମରେ ଅନୁଷ୍ଠିତ ସିରିଜର ଶେଷ ମ୍ୟାଚ୍ ୨–୨ ଗୋଲରେ ଅମୀମାଂସିତ ରହିଥିଲା।ଏହା ପୂର୍ବରୁ ଦ୍ୱିତୀୟ ମ୍ୟାଚ୍ ମଧ୍ୟ ୨–୨ରେ ଡ୍ର ରହିଥିଲା।ତେଣୁ ପ୍ରଥମ ମ୍ୟାଚକୁ ଭାରତ ୩–୨ଗୋଲରେ ଜିତି ଥିବାରୁ ୧–୦ରେ ଶୃଙ୍ଖଳା କବଜା କରିଛି।

ରବିବାର ତୃତୀୟ ମ୍ୟାଚ କଡା ମୁକାବିଲା ହୋଇଥିଲା। ନବମ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ଥୋମାସ ଡିଲାଟ୍ ଗୋଲରେ ପରିଣତ କରି ଘରୋଇ ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରର ୧୬ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ସଞ୍ଜୟ ସ୍ଥିତି ସମାନ କରିଥିଲେ।ଏହାର ୨ ମିନିଟ୍ ପରେ ସେଲଭାମ କାର୍ତ୍ତି (୧୮ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨–୧ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲ୍ଶୂନ୍ୟରେ ଶେଷ ହୋଇଥିଲା। ଚତୁର୍ଥ କ୍ୱାର୍ଟରରେ ନ୍ୟୁଜିଲାଣ୍ଡର ବେଞ୍ଜି କୁଲହାନେ (୫୫ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ।

## ପ୍ରଥମ ମିନାକ୍ଷୀ ସ୍ୱାଇଁ ସ୍ମାରକୀ ଷ୍ଟେଟ୍ ସ୍କୁଲ ଓପନ ଚେସ୍ ଚାମ୍ପିଅନଶିପ୍

ଭୁବନେଶ୍ୱର,୨୨।୧୧(ନି.ପ୍ର): କେଶୁରା ରୟାଲ ପବ୍ଲିକ ସ୍କୁଲ ଠାରେ ପ୍ରଥମ ମିନାକ୍ଷୀ ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ ଚାମ୍ପିଅନଶିପ ଓଡିଶା ଷ୍ଟେଟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ନଭେମ୍ବର ୨୨ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। କେଶୁରା ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଚାମ୍ପିଅନଶିପକୁ ଉଦଘାଟନ କରିଥିବା ବେଳେ ଓଡିଶା ଷ୍ଟେଟ ଚେସ୍ ଆସୋସିଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ,



କେଶୁରା ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପରମିତା ସାହୁ, ସ୍ୱର୍ଗତ ମିନାକ୍ଷୀ ସ୍ୱାଇଁଙ୍କ ଝିଆରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ ,କନ୍ୟା ଅକ୍ସନା ସ୍ୱାଇଁ ଓ ପୁଅ ଅମ୍ରିତ ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ।

ଏହି ପ୍ରତିଯୋଗିତାର ୪ରାଉଣ୍ଡ ସମାପ୍ତ ପରେ ଫାଇନାଲ ର‍ୟାଙ୍କିଂରେ ସେଣ୍ଟ ଯୋଶେଫ ହାଇସ୍କୁଲର ସାଇ ସାର୍ଥକ ବାରିକ ସର୍ବାଧିକ ୩.୫ ପଏଣ୍ଟ ସହିତ ଟିବି୧ ଓ ଟିବି୨ରେ ଅଗ୍ରଣୀ ହୋଇ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଭୁବନେଶ୍ୱର ମଡେଲ ଇଂଲିଶ ମିଡିୟମ ସ୍କୁଲର ଅଦଭିକ ମହାନ୍ତି ୩.୫ ପଏଣ୍ଟ ପାଇ ଦ୍ୱିତୀୟ ଓ ଖଣ୍ଡଗିରୀ ସେଣ୍ଟ ଜାଭିୟର ହାଇସ୍କୁଲର ସ୍ଥିତପ୍ରଜ୍ଞା ପଟ୍ଟନାୟକ ୩.୦ ପଏଣ୍ଟ ସହିତ ତୃତୀୟ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ ସ୍କୁଲର ଆଶୁତୋଷ ଅରୁଣ ଦାସ ୨.୫ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ୧ର ଆଦର୍ଶ କୁମାର ରାଉତ ୨.୦ ପଏଣ୍ଟ ହାସଲ କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ପାଇଛନ୍ତି। ଏଜ ଗ୍ରୁପ ପ୍ରାଇଜ :୯ ବର୍ଷରୁ କମ ବର୍ଗରେ ପ୍ରାରମ୍ଭ ରଗନ୍ୟା ପ୍ରଥମ, ୧୧ ବର୍ଷରୁ କମ ବର୍ଗରେ ଅର୍ପିତ ପଟ୍ଟନାୟକ ପ୍ରଥମ,ମହେଶ୍ୱର ପାଣଇଭଳ ଅକ୍ଷତ ପଣ୍ଡା ଓ ସନ୍ଦିପ ବେହେରାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରା ଯାଇଛି।

## ରାଜ୍ୟ ଖବର

### ନୟାଗଡ଼ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ

# ଦଳୀୟ ଶୃଙ୍ଖଳା ଓ ସାଙ୍ଗଠନିକ ସୁଦୃଢ଼ତା ଉପରେ ଗୁରୁତ୍ୱ




ନୟାଗଡ଼,୨୨।୧୧(ନି.ପ୍ର): ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟିର ଏକ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଡିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପିସିସି ଉପସଭାପତି ତଥା ନୟାଗଡ଼ ଜିଲ୍ଲା ପ୍ରଭାରୀ ମାନସ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଙ୍ଗଠନିକ ସୁଦୃଢ଼ତା, ନେତା ମାନଙ୍କ ମଧ୍ୟରେ ସମନ୍ୱୟ, ଜିଲ୍ଲାରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ମଜବୁତ କରିବା ସହ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଭାରୀ ଶ୍ରୀ ଚୌଧୁରୀ ଦଳୀୟ ଶୃଙ୍ଖଳା ଉପରେ କଠୋର ଆଭିମୁଖ୍ୟ ନେଇ ଦଳ ଭିତରେ ଶୃଙ୍ଖଳା ବଜାୟ ରଖିବା ଉପରେ ନେତୃତ୍ୱଦ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇ କୌଣସି ପ୍ରକାରର ଦଳୀୟ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରୋକଠୋକ ନିଷ୍ପତ୍ତି ଶୁଣାଇଛନ୍ତି। ନଭେମ୍ବର ୨୫ ତାରିଖରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସକୁ ବ୍ୟାପକ ଭାବେ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଦେଶ କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଓ ରାଲି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାରୁ ପ୍ରାୟ ଏକ ହଜାର ଦଳୀୟ କର୍ମୀ ଯୋଗ ଦେଇଥିଲେ।

ପିସିସି ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ପିସିସି ସମ୍ପାଦକ ବିଭୂପ୍ରସାଦ ମିଶ୍ର, ବରିଷ୍ଠ ନେତା ପୂର୍ବତନ ସାଂସଦ ନକୁଳ ନାୟକ, ଲକ୍ଷ୍ମୀଧର ତ୍ରିପାଠୀ, ହୁସେନ ଖାଁ, ବିନୋଦିନୀ ମହାନ୍ତି, ଅମଜାଦ ଖାଁ, ଧ୍ରୁବଚରଣ ପରିଡା, ସୁକାନ୍ତ ଶତପଥୀ ପ୍ରତିମା ଜେନା, ସସ୍ମିତା ଦାଶ, ଆଲୋକ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଡିସିସି କିସାନ ସେଲ ସଭାପତି ଲଡୁକେଶ୍ୱର ଷଡ଼ଙ୍ଗୀ, ଡିସିସି ପୀତବାସ ଖୁଣ୍ଟିଆ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ସାଧାରଣ ସମ୍ପାଦକ ମନୋଜ ସାହୁ, ରାଜ୍ୟ ଓବିସି ସାଧାରଣ ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବୈଜୟନ୍ତୀମାଳା ମହାନ୍ତି, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ନୟାଗଡ଼ କଲେଜ ଛାତ୍ରସଂସଦ ଉପସଭାନେତ୍ରୀ ସୁନନ୍ଦା ଲେଙ୍କା, ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ହାସୀମ ଖାଁ, ଅଶୋକ ନାୟକ, ଶତ୍ରୁଘ୍ନ ପାଇକେରାୟ, ଛୁଲୁ ପରିଡା, ବାଙ୍କବିହାରୀ ଧଳ, ନୟାଗଡ଼ ମୁନିସିପାଲିଟି ସଭାପତି ରାଜକିଶୋର ଜେନା, ଓଡଗାଁ ଏନଏ ସି ସଭାପତି ବିଭୁତି ରାଉତ, ରଣପୁର ସଭାପତି ପ୍ରଭାତ ଦଳେଇ, ଖଣ୍ଡପଡା ସଭାପତି ସନ୍ତୋଷ ସାହୁ ଏବଂ ସମସ୍ତ ଜୋନ କଂଗ୍ରେସ ସଭାପତି, ଯୁବ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇ ଚାରି ଘଣ୍ଟା ବ୍ୟାପି ସାଙ୍ଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନଭେମ୍ବର ୨୬ ସମ୍ବିଧାନ ଦିବସ ପାଳନ, ଭୁବନେଶ୍ୱରରେ ଆୟୋଜିତ ସମ୍ବିଧାନ ବଞ୍ଚାଓ ରାଲିରେ ନୟାଗଡ଼ ଜିଲ୍ଲାରୁ ପ୍ରାୟ ଏକ ହଜାର ଦଳୀୟ କର୍ମୀ ଯୋଗଦେବା ନିଷ୍ପତି ହୋଇଛି।

### ଭକ୍ତି ସଙ୍ଗୀତ ପ୍ରତିଯୋଗିତା, ସେମିଫାଇନାଲକୁ ୫ ଉନ୍ନୀତ




ନୟାଗଡ଼,୨୨।୧୧(ନି.ପ୍ର): 'ସଙ୍ଗୀତଧାରା', ନୟାଗଡ଼ ପକ୍ଷରୁ ଜିଲ୍ଲାସ୍ତରୀୟ ଭକ୍ତିସଙ୍ଗୀତ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଅଡିସନ ଗଣିଆ ବ୍ଲକରୁ ଆରମ୍ଭ ହୋଇଛି। ଗଣିଆ ବ୍ଲକ ଶିକ୍ଷକ ଭବନଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଯୁବ କଣ୍ଠଶିଳ୍ପୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ଶିକ୍ଷକ ସଂଘ ସମ୍ପାଦକ ଶୋଭନ କୁମାର ପଣ୍ଡା, 'ସଙ୍ଗୀତଧାରା' ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ସଂଯୋଜକ ଲକ୍ଷ୍ମୀଧର ସାହୁ ଏବଂ ସଙ୍ଗୀତ ବିଶାରଦ ରବୀନ୍ଦ୍ର କୁମାର ଦାଶ ଓ ଅଶୋକ କୁମାର ମଲ୍ଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସଂଗୀତାନୁଷ୍ଠାନରୁ ୧୪ରୁ ୨୪ ବର୍ଷ ବୟସ ବର୍ଗର ପ୍ରତିଯୋଗୀମାନେ ଏଥିରେ ଭାଗ ନେଇଥିଲେଛ ବିଚାରକ ମଣ୍ଡଳୀଙ୍କ ନିଷ୍ପତ୍ତି କ୍ରମେ ଓଁକାର ମହାପାତ୍ର, ଜ୍ୟୋତି ପ୍ରକାଶ ସ୍ୱାଇଁ, ଅଭିମନ୍ୟୁ ପଣ୍ଡା, ଓମ କୁମାର ସାହୁ ଏବଂ ଅର୍ଚ୍ଚିତା ଖଟୁଆ ସେମିଫାଇନାଲ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ସମସ୍ତ କଣ୍ଠଶିଳ୍ପୀଙ୍କୁ ସଙ୍ଗୀତଧାରା ପକ୍ଷରୁ ମେଡାଲ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲାର ସମସ୍ତ ୮ଟି ବ୍ଲକରେ ପ୍ରଥମ ପର୍ଯ୍ୟାୟ ଅଡିସନ ଅନୁଷ୍ଠିତ ହେଉଛି। ଚୂଡ଼ାନ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରୁଥିବା କଣ୍ଠଶିଳ୍ପୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହ ୧୧,୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ଯଥାକ୍ରମେ ୫,୦୦୦ ଟଙ୍କା ଓ ୩,୦୦୦ ଟଙ୍କା ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ



ଦଶପଲ୍ଲା,୨୨।୧୧(ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ଲୋକସଂସ୍କୃତିର ସୁରକ୍ଷା, ସମୃଦ୍ଧି ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ବୃନ୍ଦାବନ ସୁରୁଚି ମହାବିଦ୍ୟାଳୟ ପରିସରରେ ରବିବାର ଦିନ ରାଜ୍ୟସ୍ତରୀୟ ସାହିତ୍ୟ ସଭା, ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ 

# ଭାରତୀୟ ସଂସ୍କୃତିର ବିବିଧତା ମୋତେ ମୁଗ୍ଧ କରିଛି: ପୁଟିନ୍



**ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି):** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତ ଏବଂ ଏହାର ବିବିଧ ସଂସ୍କୃତି, ଭାଷା ଓ ପରମ୍ପରାକୁ ସବୁବେଳେ ପ୍ରଶଂସା କରିଆସିଛନ୍ତି । ସମୟ ସମୟରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ ବେଳର ଆଲୋଚନା ସଂପର୍କରେ ଖୋଲାଖୋଲି ଭାବରେ ପ୍ରକାଶ କରନ୍ତି । ନିକଟରେ ଏକ ସାକ୍ଷାତକାରରେ ପୁଟିନ୍ ପୁଣି ଥରେ ଭାରତୀୟ ସଂସ୍କୃତିକୁ ନେଇ ନିଜର ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଭାରତର ସାଂସ୍କୃତିକ ବିବିଧତା ତାଙ୍କୁ ମୁଗ୍ଧ କରିଛି । ଯେତିକି ଯେତିକି ସେ ଭାରତକୁ ଜାଣୁଛନ୍ତୁ, ତାଙ୍କ ମନରେ ସେତିକି କୌତୁହଳ ବୃଦ୍ଧି ପାଉଛି ବୋଲି କହିଛନ୍ତି ପୁଟିନ ।

ନରେନ୍ଦ୍ର ମୋଦୀଙ୍କ ସହ ହୋଇଥିବା ଏକ ବାର୍ତ୍ତାଳାପକୁ ମନେ ପକାଇ ଭାରତର ଭାଷାଗତ ବିବିଧତାକୁ ଭୂୟସୀ ପ୍ରଶଂସା କରିଛନ୍ତି ପୁଟିନ । ଦେଶର ଅଧାରୁ ଅଧିକ ଲୋକ କିପରି ନିଜ ନିଜର ଆଞ୍ଚଳିକ ଭାଷାରେ କଥାବାର୍ତ୍ତା କରନ୍ତି, ସେ ବିଷୟରେ ଜାଣି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ମୁଗ୍ଧ ହୋଇଥିବା କହିଛନ୍ତି। ରୁଷୀୟ ଗଣମାଧ୍ୟମ ସ୍ପୁଟନିକ୍ ଅନୁଯାୟୀ, ପୁଟିନ କହିଛନ୍ତି ଯେ, ଭାରତୀୟ ସଭ୍ୟତା ହେଉଛି ବିଶ୍ୱର ସର୍ବପୁରାତନ ସଭ୍ୟତା । ଏହା ଅତ୍ୟନ୍ତ ରୋଚକ। ସେ ଏହା ବିଷୟରେ ଯେତେ ଅଧିକ ଜାଣୁଛନ୍ତି, ସେତେ ଅଧିକ ଆକର୍ଷିତ ହେଉଛନ୍ତି।

ସାକ୍ଷାତକାର ସମୟରେ ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ହୋଇଥିବା ଆଲୋଚନା ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, 'କିଛି ଦିନ ପୂର୍ବରୁ ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପଚାରିଥିଲି ଯେ, ଭାରତର କେତେ ନାଗରିକ ଦେଶର ସରକାରୀ ଭାଷା କୁହନ୍ତି। ଏହାର ଉତ୍ତରରେ ମୋଦୀ କହିଥିଲେ ଯେ, ପ୍ରାୟ ୬୦ କୋଟି ଲୋକ ଏହି ଭାଷା ବ୍ୟବହାର କରନ୍ତି। ମୋଟ ଜନସଂଖ୍ୟା ବିଷୟରେ ପଚାରିବାରୁ ପ୍ରଧାନମନ୍ତ୍ରୀ ମୋଦୀ ଦେଢ଼ ବିଲିୟନ (ପ୍ରାୟ ୧୫୦ କୋଟି) ବୋଲି କହିଥିଲେ।' ଏହି ତଥ୍ୟ ଶୁଣି ସେ ଅଭିଭୂତ ହୋଇଯାଇଥିଲେ। ଦେଶର କେବଳ ଏକ-ତୃତୀୟାଂଶ ଲୋକ ମୁଖ୍ୟ ଭାଷା କହୁଥିବା ବେଳେ ବାକି ଦୁଇ-ତୃତୀୟାଂଶ ଲୋକ ନିଜ ନିଜର ମାତୃଭାଷାରେ କଥା ହୁଅନ୍ତି । ଏହା ବାସ୍ତବରେ ଅଦ୍ଭୁତ ଏବଂ ଅବିଶ୍ୱସନୀୟ ବୋଲି କହିଥିଲେ ପୁଟିନ।

ଭାରତର କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରୀୟ ଭାଷା ନଥିଲେ ମଧ୍ୟ ହିନ୍ଦୀ ଏବଂ ଇଂରାଜୀ ଦୁଇଟି ସରକାରୀ ଭାଷା ଭାବରେ ବ୍ୟବହାର ହେଉଛି । ଏହା ବ୍ୟତୀତ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ୨୨ଟି ପ୍ରମୁଖ ଭାଷାକୁ ମାନ୍ୟତା ଦିଆଯାଇଛି । ପୁଟିନଙ୍କର ଏହି ସାକ୍ଷାତକାରର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଲୋକମାନେ ଭାରତର ବିବିଧତା ପ୍ରତି ତାଙ୍କର ଏହି ଦୃଷ ିକୋଣକୁ ବେଶ୍ ପସନ୍ଦ କରୁଛନ୍ତି। ଗତ ମାସରେ ଭାଲଦାଇ ଡିସକସନ୍ କ୍ଲବରେ ସମ୍ବୋଧିତ କରିବା ସମୟରେ ମଧ୍ୟ ପୁଟିନ ଭାରତକୁ ଏକ ଅନନ୍ୟ, ବିବିଧତାପୂର୍ଣ୍ଣ ଏବଂ ଏକଜୁଟ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଥିଲେ।

## ଆୱାମୀ ଲିଗ୍‌ର ୩୦ ନେତାଙ୍କ ଘର ଜାଳିଦେଲେ



**ଢାକା, ୨୨।୧୧ (ଏଜେନ୍ସି):** ବାଂଲାଦେଶରେ ରାଜନୈତିକ ହିଂସା ଉଗ୍ର ରୂପ ନେଇଛି। ଦୁଇଜଣ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ନେତାଙ୍କ ହତ୍ୟା ପରେ ନରାଇଲ ଜିଲ୍ଲାରେ ଆୱାମୀ ଲିଗ୍‌ର ନେତା ଓ କର୍ମୀଙ୍କ ୩୦ରୁ ଅଧିକ ଘର ଜାଳିଦିଆଯାଇଛି। ଏହା ସହ ଅନେକ ଘର ଓ ଦୋକାନ ଭଙ୍ଗାରୁଜା ଓ ଲୁଟ୍‌ର ଶିକାର ହୋଇଛି। ଶୁକ୍ରବାର ଅପରାହ୍ଣରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ କାଲିଆ ଉପଜିଲ୍ଲାର ବେନ୍ଦରଚର ଗାଁରେ ଏହିହିଂସା ଚଳିଥିଲା। ଘଟଣା ପରେ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି।

ନଭେମ୍ବର ୧୮ରେ ନରାଇଲ ଜିଲ୍ଲାର କାଲିଆ ଅଞ୍ଚଳରେ ବିଏନ୍‌ପିର ଏକ ମୋଟରସାଇକେଲ ଶୋଭାଯାତ୍ରା ଉପରେ ଆକ୍ରମଣ ହୋଇଥିଲା। ଏଥିରେ ଦଳର ଦୁଇଜଣ ସ୍ଥାନୀୟ ନେତଶାହିନ୍ ଶେଖ୍ (୪୫) ଓ ସୋହେଲ ମୋଲ୍ଲା (୪୦) ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଶାହିନ୍ କାଲିଆ ପୌର କୃଷକ ଦଳର ସାଧାରଣ ସମ୍ପାଦକ ଥିବାବେଳେ ସୋହେଲ ଜାତୀୟତାବାଦୀ ସାମାଜିକ ଓ ସାଂସ୍କୃତିକ ସଂଗଠନ (ଜାସାସ୍)ର କାଲିଆ ଉପଜିଲ୍ଲା ଶାଖାର ସାଧାରଣ ସମ୍ପାଦକ ଥିଲେ। ଏହି ଆକ୍ରମଣ ପଛରେ ନିଷିଦ୍ଧ ଆୱାମୀ ଲିଗ୍‌ର କର୍ମୀଙ୍କ ହାତ ଥିବା ଅଭିଯୋଗ ହୋଇଛି। ଏହାର ଦୁଇଦିନ ପରେ ମୃତ ବିଏନ୍‌ପି ନେତାଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ବେନ୍ଦରଚର ଗାଁରେ ଏକାଠି ହୋଇ ଆୱାମୀ ଲିଗ୍ ନେତା ଓ କର୍ମୀଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏଥିରେ ପୂର୍ବତନ ଆୱାମୀ ଲିଗ୍ ସାଂସଦ ବିଏମ୍ କବିରୁଲ ହକ୍ ମୁକ୍ତି, ପୂର୍ବତନ କାଲିଆ ପୌରପାଳିକା ମେୟର ମୁଶଫିକୁର ରହମାନ ଲିଟନ୍ ଓ ସ୍ଥାନୀୟ ଦଳୀୟ ସାଧାରଣ ସମ୍ପାଦକ କୃଷ୍ଣପଦ ଘୋଷଙ୍କ ଘର ମଧ୍ୟ ଟାର୍ଗେଟ୍ ହୋଇଥିଲା।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ବିଏନ୍‌ପି ସମର୍ଥକମାନେ ପ୍ରାୟ ୫୦ଟି ଘର ଓ ଦୋକାନ ଭଙ୍ଗାରୁଜା କରିବା ସହ ଲୁଟ୍‌ପାଟ୍ ଓ ଅଗ୍ନିକାଣ୍ଡ ଘଟାଇଥିଲେ। ତେବେ ସ୍ଥାନୀୟ ବିଏନ୍‌ପି ନେତାମାନେ ଏହି ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। କାଲିଆ ଉପଜିଲ୍ଲା ନିର୍ବାହୀ ଅଧିକାରୀ ମହମ୍ମଦ ଜିନାତୁଲ ଇସଲାମ କହିଛନ୍ତି ଯେ, ଅନେକ ଘର ଭଙ୍ଗାରୁଜା ହୋଇଥିବାବେଳେ ୫ରୁ ୬ଟି ଘର ପୋଡ଼ି ଦିଆଯାଇଛି। ଘଟଣାରେ କିଏ ସମ୍ପୃକ୍ତ ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

ନରାଇଲ ଜିଲ୍ଲା ପୁଲିସ ଅଧୀକ୍ଷକ ମହମ୍ମଦ ଅଲ୍ ମାମୁନ୍ ସିକଦର କହିଛନ୍ତି ଯେ, ମୃତ ବିଏନ୍‌ପି ନେତାଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ୩ରୁ ୪ଟି ଘର ଭଙ୍ଗାରୁଜା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିବା ସହ ଅତିରିକ୍ତ ବଳ ମୁତୟନ କରିଛି। ଏହି ସମୟରେ ପାବନା ଜିଲ୍ଲାର ବେରା ପୌରାଞ୍ଚଳରେ ଶନିବାର ବିଏନ୍‌ପି ଓ ଆୱାମୀ ଲିଗ୍ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ରବର ବୁଲେଟ୍ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଅନ୍ୟପକ୍ଷରେ, ସୀମା ସୁରକ୍ଷା ବାହିନୀ (ବିଜିବି) ଦେଶର ବିଭିନ୍ନ ଜିଲ୍ଲାରେ ୯୫ଟି ପ୍ଲାଟୁନ୍ ମୁତୟନ କରିଛି। ଗୋପାଳଗଞ୍ଜରେ ଦୁଇଟି ବାଟାଲିୟନ୍‌କୁ ମୁତୟନ କରାଯାଇଛି। ଶେଖ୍ ହସିନାଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଦେଶରେ ରାଜନୈତିକ ଉତ୍ତେଜନା ବଢ଼ୁଥିବାବେଳେ ଏହି ହିଂସା ସରକାରଙ୍କ ପାଇଁ ଆଇନଶୃଙ୍ଖଳା ରକ୍ଷାରେ ନୂଆ ଆହ୍ୱାନ ସୃଷ୍ଟି କରିଛି।

## ଅନ୍ତିମ ସଂସ୍କାର ପାଇଁ ଯିବାବେଳେ ଡଙ୍ଗା ବୁଡ଼ି ୨୪ ମୃତ



**ନାଇଜେରିଆ, ୨୨।୧୧ (ଏଜେନ୍ସି):** ନାଇଜେରିଆରେ ହୃଦୟବିଦାରକ ଡଙ୍ଗା ଦୁର୍ଘଟଣା । ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଯାଉଥିବା ବେଳେ ନଦୀରେ ବୁଡ଼ିଗଲା ଯାତ୍ରୀବାହୀ ଡଙ୍ଗା । ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଅତି କମରେ ୨୪ ଜଣଙ୍କ ଜୀବନ ଯାଇଛି । ଦକ୍ଷିଣ ନାଇଜେରିଆର ବାୟେଲସା ରାଜ୍ୟରେ ଗତ ଶୁକ୍ରବାର ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଗୋଟିଏ ଅଞ୍ଚଳରୁ ଅନ୍ୟ ଏକ ଅଞ୍ଚଳକୁ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ଡଙ୍ଗାରେ ଯାତ୍ରା କରୁଥିଲେ ଲୋକେ । ହେଲେ ରାସ୍ତାରେ ହଠାତ୍ ଡଙ୍ଗାଟି ନଦୀରେ ବୁଡ଼ିଯାଇଥିଲା । ଫଳରେ ଅନେକ ଯାତ୍ରୀ ଜଳମଗ୍ନ ହୋଇଯାଇଥିଲେ । ନାଇଜେରିଆର ନ୍ୟାସନାଲ୍ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସିର ମୁଖପାତ୍ର ମଞ୍ଜୋ ଏଜେକି ଏକ ବିବୃତି ଜରିଆରେ ଏହି ସୂଚନା ଦେଇଛନ୍ତି । ଦୁର୍ଘଟଣା ପରେ ଏବେ ମଧ୍ୟ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ତେବେ କେତେ ଜଣ ନିଖୋଜ ଅଛନ୍ତି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ ।

ଅନ୍ୟପକ୍ଷରେ ପୋଲିସ ମୁଖପାତ୍ର ମୁସା ମହମ୍ମଦଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣାରୁ ୨୪ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି । ଉଦ୍ଧାର ଯାତ୍ରୀମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି । ତେବେ ଡଙ୍ଗାରେ ମୋଟ କେତେ ଜଣ ଯାତ୍ରୀ ଥିଲେ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ପ୍ରାଥମିକ ତଦନ୍ତରୁ ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ଯାତ୍ରୀମାନେ ଡଙ୍ଗା ଚାଳକଙ୍କୁ କୂଳ ଆଡ଼କୁ ଯିବା ପାଇଁ କହିଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରିଥିଲେ। ଏପରିକି ଦୁର୍ଘଟଣା ପରେ ଡଙ୍ଗା ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଡଙ୍ଗାର ମ୍ୟାନେଜରଙ୍କୁ ଅଟକ ରଖିଛି ପୋଲିସ ।

ଏହି ଘଟଣା ପରେ ବାୟେଲସା ରାଜ୍ୟ ସରକାର ଡଙ୍ଗା ଚାଳକ ଓ ଯାତ୍ରୀମାନଙ୍କୁ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ ଅପିଲ୍ କରିଛନ୍ତି । ରାଜ୍ୟର ସୂଚନା କମିଶନର ଏବିୟୁଓ କୋକୁ-ଓବିୟାଇ କହିଛନ୍ତି, ଦ୍ରୁତ ଗତି, ଅତ୍ୟଧିକ ଯାତ୍ରୀ ପରିବହନ, ଅବହେଳା ଏବଂ ଲାଇଫ୍ ଜ୍ୟାକେଟ୍ ବିନା ଯାତ୍ରା କରିବା ବନ୍ଦ ହେବା ଆବଶ୍ୟକ । କାରଣ କୌଣସି ଯାତ୍ରା ମଣିଷର ଜୀବନଠାରୁ ଅଧିକ ମୂଲ୍ୟବାନ ନୁହେଁ ।

## କ୍ୟାଣ୍ଡି କାରଖାନାରେ ଅଗ୍ନିକାଣ୍ଡ, ୩ ମୃତ ଓ ୩୬ ନିଖୋଜ

**ଇଣ୍ଡୋନେସିଆ, ୨୨।୧୧ (ଏଜେନ୍ସି):** ଇଣ୍ଡୋନେସିଆରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏକ କ୍ୟାଣ୍ଡି କାରଖାନାରେ ନିଆଁ ଲାଗି ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ୩୬ ଜଣ କର୍ମଚାରୀ ନିଖୋଜ ରହିଥିବା ଜଣାପଡ଼ିଛି । ନିଖୋଜ କର୍ମଚାରୀଙ୍କ ସନ୍ଧାନରେ ଉଦ୍ଧାରକାରୀ ଦଳ ଜୋରଦାର ଅପରେସନ୍ ଆରମ୍ଭ କରିଛନ୍ତି ।

ସୂଚନା ଅନୁଯାୟୀ, ଶନିବାର ଦିନ ଇଣ୍ଡୋନେସିଆର ବାଣ୍ଡେନ୍ ପ୍ରଦେଶର ସେରାଙ୍ଗ ଜିଲ୍ଲାରେ ଥିବା 'ପିଟି ଫୋନୁସା ଆଗୁଙ୍ଗ ମୁଲିଆ' କ୍ୟାଣ୍ଡି କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏହି କାରଖାନାରେ ମିଙ୍କିଟା ବ୍ରାଣ୍ଡର କ୍ଷୀରରୁ ପ୍ରସ୍ତୁତ କ୍ୟାଣ୍ଡି ଓ ସ୍ନାକ୍ସ ତିଆରି ହୋଇଥାଏ । ଅଗ୍ନିକାଣ୍ଡରେ କାରଖାନାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ଏପର୍ଯ୍ୟନ୍ତ ୧୫ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଛନ୍ତି । ଅନ୍ୟପଟେ ୩୬ ଜଣ କର୍ମଚାରୀଙ୍କର କୌଣସି ପତ୍ତା ମିଳୁନାହିଁ । ଅଗ୍ନିକାଣ୍ଡ ଘଟିବାର ୧୨ ଘଣ୍ଟାରୁ ଅଧିକ ସମୟ ପରେ ମଧ୍ୟ ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ହୋଇପାରିନାହିଁ । ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବା ସହ କୁଲିଂ ଅପରେସନ୍ ମଧ୍ୟ ଜାରି ରଖିଛନ୍ତି।

ବାଣ୍ଡେନ୍ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଏଜେନ୍ସିର ଅଧିକାରୀ ରିଜ୍କି ଦ୍ୱିୟାନ୍ତୋଙ୍କ କହିବା ଅନୁଯାୟୀ, କାରଖାନାର ଅନେକ ସ୍ଥାନରେ ଏବେ ବି ଅଗ୍ନିକାଣ୍ଡ ଆୟତ୍ତ ହୋଇନାହିଁ । ଉଦ୍ଧାରକାରୀ ଦଳ କ୍ଷତିଗ୍ରସ୍ତ କୋଠାର ବିଭିନ୍ନ ଅଂଶରେ ନିଖୋଜ କର୍ମଚାରୀଙ୍କୁ ଖୋଜୁଛନ୍ତି । ଏହି କାର୍ଯ୍ୟରେ ଇଣ୍ଡୋନେସିଆନ୍ ରେଡ୍ କ୍ରସ୍ ମଧ୍ୟ ସହଯୋଗ କରୁଛି ।

ଅନ୍ୟପଟେ ଘଟଣାର ଭୟାବହ ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି । ତିନି ମହଲା ବିଶିଷ୍ଟ କାରଖାନାଟି ନିଆଁରେ ଜଳୁଥିବା ସହ ଆକାଶକୁ ଘନ କଳା ଧୂଆଁ ଉଠୁଥିବା ଦେଖାଯାଇଛି । ଏଥିସହ ଅଗ୍ନିକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ ।

## ଟ୍ରମ୍ପଙ୍କୁ କିମ୍‌ଙ୍କ ବେଖାତିର: ଚିଠି ନପଢ଼ି ଫେରାଇଦେଲେ



**ୱାଶିଂଟନ, ୨୨।୧୧(ଏଜେନ୍ସି):** ରାଜନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ମଧ୍ୟରେ ଆଉ ସୁସମ୍ପର୍କ ନାହିଁ। ଟ୍ରମ୍ପଙ୍କୁ କିମ୍ ବାରମ୍ବାର ଅଣଦେଖା କରିଚାଲିଛନ୍ତି। ତାଙ୍କ ସହିତ ସମର୍କ ରଖିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ଟ୍ରମ୍ପଙ୍କ ଚିଠି ମଧ୍ୟ ପଢୁ ନାହାନ୍ତି। ଏହା ସହିତ ନିଜ ଦେଶର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର ବୃଦ୍ଧି କରିବାରେ ଲାଗିଥିବା ସୂଚନା ମିଳିଛି। ଏ ସଂପର୍କରେ 'ଦ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍'ର ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଗତ ବର୍ଷ ଫୋନ୍ ଏବଂ ଅନ୍ୟାନ୍ୟ ମାଧ୍ୟମରେ କିମଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ କୌଣସି ଉତ୍ତର ମିଳି ନ ଥିଲା।

ପରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ନ୍ୟୁୟର୍କସ୍ଥିତ ଜାତିସଂଘ କାର୍ଯ୍ୟାଳୟ ଜରିଆରେ କିମଙ୍କୁ ଏକ ଚିଠି ପଠାଯାଇଥିଲା। ମାତ୍ର ଉତ୍ତର କୋରିଆର ଜଣେ କୂଟନୀତିଜ୍ଞ ସେହି ଚିଠିକୁ ନ ଖୋଲି ଆମେରିକୀୟ ପ୍ରତିନିଧିଙ୍କ ସାମ୍ନାରେ ରଖି ଫେରାଇ ଦେଇଥିଲେ। ଟ୍ରମ୍ପଙ୍କ ଏସିଆ ଗସ୍ତ ସମୟରେ ମଧ୍ୟ ଏକ ବୈଠକ ପାଇଁ ଉଦ୍ୟମ ହୋଇଥିଲା, କିନ୍ତୁ କିମ୍ ଏପରି କିଛି ସର୍ତ୍ତ ରଖିଥିଲେ ଯାହାକୁ ଆମେରିକା ଗ୍ରହଣ କରିପାରି ନ ଥିଲା। ୨୦୧୯ ପରଠାରୁ ଉତ୍ତର କୋରିଆର ପରମାଣୁ ଅସ୍ତ୍ର ସଂଖ୍ୟା ୨୦ରୁ ବୃଦ୍ଧି ପାଇ ପ୍ରାୟ ୬୦ରେ ପହଞ୍ଚିଛି। ଏହା ସହ ଆମେରିକା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର ମଧ୍ୟ ବିକଶିତ କରିଛି ଉତ୍ତର କୋରିଆ। ଯାହାକୁ ଟ୍ରମ୍ପ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଆମେରିକା ଯଦି ଉତ୍ତର କୋରିଆର ପରମାଣୁ କାର୍ଯ୍ୟକ୍ରମକୁ ସ୍ୱୀକୃତି ଦିଏ, ତେବେ ଶାନ୍ତିପୂର୍ଣ୍ଣ ସମ୍ପର୍କ ସମ୍ଭବ ହେବ ବୋଲି କିମ୍ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ରଷ ସହିତ ସମ୍ପର୍କ ବୃଦ୍ଧି ଏବଂ କ୍ରିପ୍ଟୋକରେନ୍ସି ଚୋରି ମାଧ୍ୟମରେ ଅର୍ଥ ସଂଗ୍ରହ କରୁଛି ଉତ୍ତର କୋରିଆ। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍ ଅନୁଯାୟୀ, ଉତ୍ତର କୋରିଆର ହ୍ୟାକରମାନେ ଇତିହାସର ସବୁଠାରୁ ବଡ଼ କ୍ରିପ୍ଟୋକରେନ୍ସି ଚୋରି କରି କ୍ରିପ୍ଟୋ ଏକ୍ସଚେଞ୍ଜ ବିନାସ୍ରରୁ ପ୍ରାୟ ୬.୩ ବିଲିୟନ ଡଲାର (୬ ବିଲିୟନରୁ ଅଧିକ) ଲୁଟି ନେଇଛନ୍ତି। ଏହି ଘଟଣା ଅକ୍ଟୋବର ଶେଷ ଭାଗରେ ଘଟିଥିବା ବେଳେ ଆମେରିକା ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇ ଏବଂ ନ୍ୟାୟ ବିଭାଗ ଏହା ପଛରେ ଉତ୍ତର କୋରିଆର ସାଇବର ଗୋଷ୍ଠୀ 'ଟ୍ରେଡରଟ୍ରେଟର' ଥିବା ସ୍ପଷ୍ଟ କରିଛନ୍ତି। ବ୍ଲକଚେନ୍ ବିଶ୍ଳେଷଣ ସଂସ୍ଥା ଚେନାଲିସିସ୍ କହିଛି, ଚଳିତ ବର୍ଷ ବିଶ୍ୱବ୍ୟାପୀ କ୍ରିପ୍ଟୋ ହ୍ୟାକିଂ କ୍ଷତିର ପ୍ରାୟ ୮୯ ପ୍ରତିଶତ ପାଇଁ ଉତ୍ତର କୋରିଆ ଦାୟୀ। ଉତ୍ତର କୋରିଆ ଏହାର ଶାସନ ବ୍ୟବସ୍ଥା ଓ ବେଆଇନ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ପାଇଁ ଅର୍ଥ ଯୋଗାଡ଼ କରିବାକୁ ଏଭଳି ସାଇବର ଆକ୍ରମଣ କରୁଥିବା ଆମେରିକା ଅଧିକାରୀମାନେ ଅଭିଯୋଗ କରିଛନ୍ତି।

## ବଲ୍ଟିକ୍ ସାଗରରେ ରୁଷୀୟ ଜାହାଜ ଉପରେ ଡ୍ରୋନ୍ ମାଡ଼

**ରୁଷ, ୨୨।୧୧ (ଏଜେନ୍ସି):** ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବେ ୟୁରୋପର ଅନ୍ୟ ଦେଶଗୁଡ଼ିକ ପାଇଁ ଚିନ୍ତାର କାରଣ ପାଲଟିଛି । ବାଲ୍ଟିକ୍ ସାଗରରେ ରୁଷିଆର ଏକ ମାଲବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଛି । ଶନିବାର ହୋଇଥିବା ଏହି ଆକ୍ରମଣ ପରେ ଜାହାଜରେ ଭୟଙ୍କର ନିଆଁ ଲାଗିଯାଇଥିଲା । ଏହି ଆକ୍ରମଣ ୟୁକ୍ରେନ୍ ପକ୍ଷରୁ ହୋଇଥିବା ଫିନଲ୍ୟାଣ୍ଡ ସନ୍ଦେହ କରୁଛି ।

ସୂଚନା ଅନୁଯାୟୀ, 'ସ୍ୱାର୍ଟା-୨' ନାମକ ଏହି ରୁଷୀୟ ଜାହାଜଟି କାଲିନିନଗ୍ରାଡ୍ ଅଞ୍ଚଳ ଆଡ଼କୁ ଯାଉଥିବା ବେଳେ ଗୋଗଲାଣ୍ଡ ଦ୍ୱୀପର ପଶ୍ଚିମ ଦିଗରେ କ୍ଷତିଗ୍ରସ୍ତ ହୋଇଥିଲା। ଡ୍ରୋନ୍ ଆକ୍ରମଣ ପରେ ଜାହାଜରେ ନିଆଁ ଲାଗିବା ସହ ଏହା ଭାସି ଭାସି ଫିନଲ୍ୟାଣ୍ଡର ସାମୁଦ୍ରିକ ଅଞ୍ଚଳରେ ପହଞ୍ଚିଥିଲା । ଜାହାଜରେ ଥିବା ୧୬ ଜଣ କର୍ମଚାରୀ ଲାଇଫବୋଟ୍ ସାହାଯ୍ୟରେ ଜୀବନ ବଞ୍ଚାଇଥିଲେ । ପରେ ସେମାନେ ଅନ୍ୟ ଏକ ରୁଷୀୟ ଜାହାଜରେ ଆଶ୍ରୟ ନେଇଥିଲେ। ଫିନଲ୍ୟାଣ୍ଡର ଅଧିକାରୀମାନେ ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଏହି ସମୟରେ ଏକ ରୁଷୀୟ ହେଲିକପ୍ଟର ଫିନଲ୍ୟାଣ୍ଡର ଆକାଶ ସୀମା ଉଲ୍ଲଂଘନ କରିଥିବା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । ଘଟଣାକୁ ନେଇ ଫିନଲ୍